Bhubaneswar- 2p June 2026
ଭୁବନେଶ୍ୱର- ୨୯ ଜୁନ୍ ୨୦୨୬
Vol- 1 Issue - 63
ଭାଗ- ୧ ସଂଖ୍ୟା- ୬୩
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

ଶୃଙ୍ଖଳିତ ରଥଯାତ୍ରା ପାଇଁ କଠୋର ହେଲା ପ୍ରଶାସନ

ରଥ ଉପରେ ମୋବାଇଲ ବ୍ୟବହାର ମନା

- ଖିଲାପକାରୀଙ୍କ ବିରୋଧରେଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ
- ପ୍ରତି ରଥର ଚାଳମାଳ ତଳେଶୋଧଦଳ ମୁତୟନ ରହିବେ
- ଅନଧିକୃତ ବ୍ୟକ୍ତିଙ୍କୁ ରଥ ଉପରକୁ ଚଢ଼ିବାକୁ ଦିଆଯିବନି

ପୁରୀ: ଶୃଙ୍ଖଳିତ ରଥଯାତ୍ରାପାଇଁ କଠୋର ହୋଇଛି ପ୍ରଶାସନ। ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦିତ ବ୍ୟବସ୍ଥାବଳୀଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତି ହୋଇଛି। ବ୍ୟବସ୍ଥାବଳୀ ଅନୁଯାୟୀ,ଶ୍ରୀଗୁଣ୍ଡିଚା ଦିନ ପହଣ୍ଡି ପୂର୍ବରୁ ଶ୍ରୀଜିଉମାନଙ୍କବିଜେ ଡୋରି ଠିକ୍ ଢଙ୍ଗରେ ବନ୍ଧା ଯିବା ପାଇଁସଂପୃକ୍ତ ବାଡ଼ର ବାଡ଼ଗ୍ରାହୀ ଧ୍ୟାନ ଦେବେ। ପୂର୍ବ ଅଘଟଣକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତିହୋଇଛି । ସେହିପରି କେବଳ ଆବଶ୍ୟକ ସଂଖ୍ୟକ ଅଭିଜ୍ଞ ଓ ଦାୟିତ୍ୱ ସମ୍ପନ୍ନ ସେବକ ପହଣ୍ଡିରେଭାଗ ନେବେ। ସମ୍ପୃକ୍ତ ଠାକୁରଙ୍କ ବାଡ଼ଗ୍ରାହୀଏଥିପ୍ରତି ଯତ୍ନବାନ ହେବେ ଓ ଶୃଙ୍ଖଳିତଭାବେ ପହଣ୍ଡି କରାଇବେ। ଦଇତାପତିମାନେ ଶ୍ରୀଅଙ୍ଗରକ୍ଷକ ସେବକ ହୋଇଥିବାରୁ ଟାହିଆସୁରକ୍ଷା କାର୍ଯ୍ୟ କରିବେ। ପ୍ରତିହାରୀ ସେବକଓ ଆରକ୍ଷୀ ବାହିନୀ ମଧ ଟାହିଆର ସୁରକ୍ଷାପ୍ରତି ଯତ୍ନବାନ ହେବେ। ଶ୍ରୀଜିଉମାନେ ରଥଉପରକୁ ସମ୍ପୂର୍ଣ୍ଣ ଉଠିବା ପରେ ଟାହିଆ ଗୁଡ଼ିକ ସମ୍ମାନର ସହିତ ଖୋଲାଯିବ। ଟାହିଆ ଭାଙ୍ଗି ଥିବା ବ୍ୟକ୍ତି ଓ ଟାହିଆର ଅଂଶ ଧରିଥିବା ବ୍ୟକ୍ତିଙ୍କବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।ଶ୍ରୀଜିଉମାନଙ୍କ ରଥ ଉପରକୁ ପହଣ୍ଡି ବିଜେପୂର୍ବରୁ କିମ୍ବା ପହଣ୍ଡି ବିଜେ ସମୟରେ ଅରୁଣସ୍ତମ୍ଭଠାରୁ ସିଂହଦ୍ୱାର ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନଦ୍ୱାରା ଅବସ୍ଥାପିତ କ୍ୟାମେରା ବ୍ୟତୀତ ଅନ୍ୟକୌଣସି କ୍ୟାମେରା ବ୍ୟବହାର କରାଯିବ ନାହିଁ। ଏତଦ୍‌ବ୍ୟତୀତ ଚାରମାଳ କିମ୍ବା ରଥ ଉପରକୁ କୌଣସି କ୍ୟାମେରା ବା ମୋବାଇଲ ଫୋନ୍ ନେବା ସଂପୂର୍ଣ୍ଣ ନିଷେଧ। ଏହାକୁ କଡ଼ାକଡ଼ି ଭାବେ ପାଳନକରାଯିବା ସହ ଏହାର ଖିଲାପକାରୀଙ୍କ ଠାରୁ ତତ୍‌କ୍ଷଣାତ୍ କ୍ୟାମେରା ବା ମୋବାଇଲ୍ ଫୋନ ଜବତ କରାଯିବ। ଏହି ଖିଲାପକାରୀଙ୍କ ବିରୋଧରେଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିଜେ ଡୋରି ଠିକ୍ ଭାବେ ବାନ୍ଧିବା ବାଡ଼ଗ୍ରାହୀମାନଙ୍କ ଦାୟିତ୍ୱ । ଟାହିଆ ଭାଙ୍ଗିଲେ ଓ ଟାହିଆର ଅଂଶ ଧରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଘଷା ଜଳ ଯେପରି ରଥ ଚଟାଣ କିମ୍ବା ଚାରମାଳ ଉପରେ ନ ପଡ଼େ ବିଶେଷ ଧ୍ୟାନ ଦିଆଯିବ । ତାଳଧ୍ୱଜ ଶୋଧ ଦଳରେ ଏସ୍‌ପି, ନନ୍ଦିଘୋଷ ଦାୟିତ୍ୱରେ ଜିଲ୍ଲାପାଳ ପ୍ରତି ରଥରେ ନିର୍ଦ୍ଧାରିତ ସଂଖ୍ୟକ ଘଣ୍ଟୁଆ ରହିବେ ରଥ ଉପରେ ପହଣ୍ଡି ପୂର୍ବରୁ ଶ୍ରୀଜିଉମାନଙ୍କୁ ମୁଁ ରଥାରୂଢ଼ ଶ୍ରୀଜିଉଙ୍କ ଭୁଜ ଭିତରେ ଠିଆ ହେବା ମନା, ସମସ୍ତ ଭକ୍ତ ଅବାଧ ଦର୍ଶନ କରିବେ। ଲାଗି ହେଉଥିବା ଘଷା ଜଳ ଯେପରି ରଥ ଚଟାଣକିମ୍ବା ଚାରମାଳ ଉପରେ ନ ପଡ଼େ ସେଥିପ୍ରତିସେବକ ଓ ପ୍ରଶାସନ ଯତ୍ନବାନ ରହିବେ।ପାଦ ଖସିବା ଆଶଙ୍କାକୁ ଦୃଷ୍ଟିରେ ରଖି ଏହିଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦିଆଯିବ। ପ୍ରତ୍ୟେକ ରଥ ପାଇଁ ପୃଥକ ପୃଥକ ଶୋଧଦଳ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଠନ କରଯିବ।ଏହି ଦଳମାନଙ୍କରେ ପ୍ରଶାସନିକ ଅଧିକାରୀ,ପୁଲିସ ଅଧିକାରୀ ମନ୍ଦିର ପୁଲିସ, ମାଜିଷ୍ଟ୍ରେଟମୁତୟନ ରହିବେ। ତାଳଧ୍ୱଜ ରଥର ଶୋଧଦଳ ଦାୟିତ୍ୱରେ ଏସ୍‌ପି, ଓଏସ୍‌ଡି(ସୁରକ୍ଷା) ଓଉପଜିଲ୍ଲାପାଳ ରହିବେ। ଦେବଦଳନ ରଥରଶୋଧ ଦଳ ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ,ଅତିରିକ୍ତ ଏସ୍‌ପି, ଶ୍ରୀମନ୍ଦିରର ଜଣେ ଅଧିକାରୀରହିବେ । ନନ୍ଦିଘୋଷ ରଥର ଶୋଧ ଦଳ ଦାୟିତ୍ୱରେପୁରୀ ଜିଲ୍ଲାପାଳ, ନୀତି ପ୍ରଶାସକ ଓ ଉପଆରକ୍ଷୀ ଅଧୀକ୍ଷକ ରହିବେ । ପ୍ରତି ରଥର ଚାଳମାଳ ତଳେଶୋଧଦଳ ମୁତୟନ ରହିବେ ଓ ଅନଧିକୃତ ବ୍ୟକ୍ତିଙ୍କୁ ରଥ ଉପରକୁ ଚଢ଼ିବାକୁ ଦେବେ ନାହିଁ ।ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଯେପରିବଡ଼ଦାଣ୍ଡରେ ସମବେତ ଅଗଣିତ ଭକ୍ତ ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ସମସ୍ତେଅବାଧ ଦର୍ଶନ କରିପାରିବେ ସେଥିପ୍ରତି ସେବାସମ୍ପୃକ୍ତ ସେବକମାନେ ଯତ୍ନବାନ ହେବେ ।ଶ୍ରୀଜିଉମାନଙ୍କ ସମ୍ମୁଖ ଭାଗରେ ରହିବେ ନାହିଁ କିମ୍ବାରଥର ଉଭୟ ପାର୍ଶ୍ୱ ବାଡ଼ରେ କୌଣସି ସେବକ ଠିଆ ହୋଇ ରହିପାରିବେ ନାହିଁ। ରଥ ଉପରେ ରହି ମହାପ୍ରଭୁଙ୍କ ଓଲାଗି ଫୁଲ, ତୁଳସୀ ଫିଙ୍ଗିବେ ନାହିଁ।ପ୍ରତି ରଥରେ ନିର୍ଦ୍ଧାରିତ ସଂଖ୍ୟକ ପୁରୀ ଓଭଟିମୁଣ୍ଡା ଘଣ୍ଟୁଆ ରହିବେ । ତାଳଧ୍ୱଜ ଉପରେ ୧୪ଜଣ, ଦେବଦଳନ ଉପରେ ୧୨ ଜଣ ଓ ନନ୍ଦିଘୋଷଉପରେ ୧୬ ଜଣ ଘଣ୍ଟୁଆ ରହିପାରିବେ । ଅଧିକସଂଖ୍ୟକ ଘଣ୍ଟୁଆ ରଥ ଉପରେ ଚଢ଼ିଲେ ଶ୍ରୀମନ୍ଦିରକର୍ମଚାରୀ, ଦଇତାପତି ଓ ବାଡ଼ଗ୍ରାହୀ ଓହ୍ଲାଇଦେବେ। ଛେରାପହଁରା ପରେ ରଥ ଉପରେ କେବଳ ରଥ ସମ୍ପୃକ୍ତ ସେବକ ଓ କର୍ତ୍ତବ୍ୟରତ କର୍ମଚାରୀମାନେ ରହିପାରିବେ ।

ଆଜି ଶ୍ରୀଜିଉଙ୍କ ସ୍ନାନଯାତ୍ରା

- ୧୦୮ କଳସୀ ଜଳରେ ସ୍ନାନକରିବେ ଚତୁର୍ଦ୍ଧା ମୂର୍ତ୍ତି
- ଦୁର୍ଲଭ ହାତୀବେଶରେ ଦର୍ଶନ ଦେବେ ମହାବାହୁ
- ପ୍ରାତଃ ୫ଟାରେ ପହଣ୍ଡି ଆରମ୍ଭ
- ଆଜି ପୁରୀ ମହାନଗର ନିଗମରେ ସମସ୍ତ ସ୍କୁଲ ବନ୍ଦ

ପୁରୀ: ଚଳିତ ୨୯ରେ ଶ୍ରୀଜିଉଙ୍କ ସ୍ନାନ ଯାତ୍ରା । ଏହି ଦୁର୍ଲଭ ସ୍ନାନ ଓ ହାତୀବେଶ ଦର୍ଶନ କରିବା ନିମନ୍ତେ ଶ୍ରୀକ୍ଷେତ୍ରକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ। ତେଣୁ ମହାପ୍ରଭୁଙ୍କ ନୀତି ଶୃଙ୍ଖଳା, ଭିଡ଼ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ରକ୍ଷା, ଶ୍ରଦ୍ଧାଳୁଙ୍କୁ ମୌଳିକ ସୁବିଧା ପ୍ରଭୃତି ଯୋଗାଇ ଦେବା ପ୍ରଭୃତି ନିମନ୍ତେ ଶନିବାର ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରେ ଏକ ଜରୁରି ବୈଠକ ହୋଇଯାଇଛି । ଶ୍ରୀମନ୍ଦିର ପ୍ରଶାସନ ମାଜିଷ୍ଟ୍ରେଟ-ପୁଲିସ ମଧ୍ୟରେ ଏହି ସମନ୍ୱୟ ବୈଠକ ହୋଇଥିଲା । ବୈଠକରେ ସ୍ନାନଯାତ୍ରା ଦିନ କେବଳ ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବାକୁ ନିଷ୍ପତ୍ତି ହୋଇଛି । ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି । ବୈଠକରେ ଜିଲ୍ଲାପାଳ ଓ ଏସ୍‌ପି ମଧ ଉପସ୍ଥିତ ଥିଲେ । ଡ. ପାଢ଼ୀ କହିଛନ୍ତି, ସ୍ନାନଯାତ୍ରା ବ୍ୟବସ୍ଥାବଳୀ ନୀତି ନିର୍ଘଣ୍ଟକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା । ପୁଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ପରସ୍ପର ସମନ୍ୱୟ ରଖି ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ । ଦେବସ୍ନାନ ପୂର୍ଣ୍ଣିମା ଭୋର ସାଢ଼େ ୪ଟାରେ ଠାକୁରଙ୍କ ମଙ୍ଗଳାର୍ପଣ ନୀତି ହେବ । ଡୋରଲାଗି ଓ ପୁଷ୍ପାଞ୍ଜଳି ହୋଇ ପ୍ରାତଃ ୫ଟାରେ ପହଣ୍ଡି ଆରମ୍ଭ ହେବ । ପହଣ୍ଡି ଶେଷ ହୋଇ ୯ଟାରେ ସ୍ନାନମଣ୍ଡପରେ ଠାକୁରଙ୍କ ମଙ୍ଗଳାଳତି ହେବ । ୧୨ଟାରୁ ଅପରାହ୍ଣ ୨ଟା ମଧ୍ୟରେ ଜଳ ବିଜେ ପୂଜା ଓ ସ୍ନାନ ସମ୍ପନ୍ନ ହେବ । ସାଢ଼େ ୩ଟାରେ ଛେରା ପହଁରା ସରି ଅପରାହ୍ଣ ୪ଟାରୁ ୫ଟା ମଧ୍ୟରେ ଦାରୁବ୍ରହ୍ମଙ୍କ ହାତୀ ବେଶ ବଢ଼ିବ । ରାତି ସାଢ଼େ ୭ଟାରୁ ୯ଟା ୩୦ ସାହାଣମେଲା । ରାତି ୧୦ଟା ଠାକୁରଙ୍କ ହାତୀ ବେଶ ମଇଲମ ହୋଇ ୧୧ଟାରୁ ବାହୁଡ଼ା ପହଣ୍ଡି ହେବ ବୋଲି ପ୍ରଶାସନିକ ସମୟ ଧାର୍ଯ୍ୟ ହୋଇଛି । ସ୍ନାନମଣ୍ଡପ ଆଗରେ ଗତବର୍ଷରୁ କରାଯାଇଥିବା ର୍‍ୟାମ୍ପ ଉପରେ ଶ୍ରଦ୍ଧାଳୁମାନେ ଯାଇ ଠାକୁର ଦର୍ଶନ କରିବେ । କେବଳ ଶ୍ରୀମନ୍ଦିର ଦ୍ୱାର ଦେଇ ପ୍ରବେଶ ଓ ଅନ୍ୟ ଦ୍ୱାର ଦେଇ ପ୍ରସ୍ଥାନ । ସ୍ନାନଯାତ୍ରା ଦିନ ପ୍ରାୟ ୧୫୦୦ରୁ ୨ ହଜାର ପହଣ୍ଡି ଟିକେଟ୍ ବିକ୍ରି କରାଯିବ । ଜଣକୁ ଅତିବେଶୀରେ ୨ଟି ଟିକେଟ ଦିଆଯିବ। ପହଣ୍ଡି ଟିକେଟ ଧାରୀ କେବଳ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ । ଏହାକୁ ପ୍ରଶାସନିକ ଅଧିକାରୀମାନେ ଶୃଙ୍ଖଳିତ ଭାବେ କରିବେ ବୋଲି ଡ. ପାଢ଼ୀ କହିଛନ୍ତି । ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା । ଆସନ୍ତାକାଲି ଅର୍ଥାତ୍ ସୋମବାର ପୁରୀ ମହାନଗର ନିଗମରେ ବନ୍ଦ ରହିବ ସମସ୍ତ ସ୍କୁଲ । ଶିଶୁ ବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ୍ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଦେବସ୍ନାନ ପୂର୍ଣ୍ଣିମା ଭିଡ଼କୁ ଦେଖି ସବୁ ସ୍କୁଲ ବନ୍ଦ ନିଷ୍ପତ୍ତି ନିଆଯାଇଛି । ସମସ୍ତ ସରକାରୀ, ବେସରକାରୀ ସ୍କୁଲ ବନ୍ଦ ରହିବ । ସ୍ନାନଯାତ୍ରା ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ ।

କାର ସହ ମୁହାଁମୁହିଁ ଧକ୍କାରେ
୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଚମ୍ପୁଆ: କାର ସହିତ ବାଇକ୍ ମୁହାଁମୁହିଁ ଧକ୍କା। ଘଟଣାସ୍ଥଳରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ। କେନ୍ଦୁଝରଜିଲ୍ଲା ବାରିଆ ଥାନା ଚମ୍ପୁଆ ବାଉଁଶୁଳି ରାସ୍ତାରେ ଗିଧିବାସ ନିକଟରେ ଚମ୍ପୁଆ ପଟୁ ଆସୁଥିବା କାର ସହିତ ଉଖୁଣ୍ଡା ପଟୁ ଯାଉଥିବା ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ ରେ ଥିବା ଦୁଇ ଆରୋହୀଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ କାରରେ ଥିବା ଜଣେ ମହିଳା ମଧ ଆହତ ହୋଇଛନ୍ତି। ଖବର ପାଇ ବାରିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ୍ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକ ଦୁଇ ଜଣ ଝାଡଖଣ୍ଡର ନରସିଂହପୁର ଗ୍ରାମର ଶୈଳେଶ ଗୋପ ଓ ରମେଶ ଗୋପ ବୋଲି ଜଣା ପଡିଛି।

ବଜ୍ରାଘାତରେ ଚାଲିଗଲା ମା’ଝିଅଙ୍କ ଜୀବନ

ନବରଙ୍ଗପୁର: ବଜ୍ରାଘାତରେ ମା’ ଓ ଝିଅଙ୍କ ମୃତ୍ୟୁ। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମୁଣ୍ଡିବେଡା ପଞ୍ଚାୟତ ଅନ୍ତର୍ଗତ ନିନାଶପାଣୀ ଗ୍ରାମରେ ଘଟିଛି ଏହି ଘଟଣା। ମୃତକ ଦ୍ୱୟ ହେଉଛନ୍ତି, ଦୟମତି ମୁଦୁଲି (୩୫) ଓ ତାଙ୍କ ଝିଅ ଚମ୍ପା ମୁଦୁଲି(୨୨)। ସୂଚନା ଅନୁଯାୟୀ, ମା-ଝିଅ ସେମାନଙ୍କ ଜମିରେ ଥିବା କୁସୁମ ଗଛରୁ କୁସୁମ ତୋଳିବାକୁ ଯାଇଥିଲେ। ସେମାନେ ସେଠାରେ ଥିବା ବେଳେ ଅପରାହ୍ନ ପ୍ରାୟ ୩ଟା ବେଳେ ହଠାତ୍ ପାଗ ବଦଳି ଯାଇଥିଲା। ବର୍ଷା ହୋଇଥିଲା ଓ ବିଜୁଳି ମାରିଥିଲା। ବଜ୍ରପାତରେ ଘଟଣାସ୍ଥଳରେ ମା’ ଓ ଝିଅଙ୍କ ମୃତ୍ୟୁ ଘଟିଥିଲା। ମୃତ ଚମ୍ପା ମୁଦୁଲି ସ୍ଥାନୀୟ ବିଦ୍ୟାଳୟରେ ଶିଶୁ ସେବିକା ଭାବେ କାର୍ଯ୍ୟରତ ଥିଲେ। ଏକାସାଙ୍ଗରେ ମା’ ଓ ଝିଅଙ୍କ ମୃତ୍ୟୁ ଘଟଣା ପରିବାର ସହ ସମଗ୍ର ଗ୍ରାମକୁ ଶୋକାକୁଳ କରିଦେଇଛି। ବର୍ଷା ସମୟରେ ବଜ୍ରପାତର ଆଶଙ୍କା ଥିଲେ ଖୋଲା ସ୍ଥାନ ଓ ଗଛ ତଳେ ନ ରହିବାକୁ ବାରମ୍ବାର ପରାମର୍ଶ ଦିଆଯାଉଛି। ତଥାପି ସଚେତନତା ଅଭାବରୁ ଏହିଭଳି ଅଘଟଣ ଘଟୁଛି।

ପାରିବାରିକ କଳହ ନେଲା ଉଗ୍ରରୂପ

ସ୍ତ୍ରୀକୁ ପିଟିପିଟି ହତ୍ୟା କଲା ସ୍ୱାମୀ

ଝାରସୁଗୁଡ଼ା: ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ଏଚ୍. କଣ୍ଟାପାଲି (ଗଣ୍ଡିଆବୁଡ଼) ଗାଁରେ ରବିବାର ସକାଳୁ ଘଟିଛି ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ। ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ୨୮ ବର୍ଷୀୟା ସୌଦାମିନୀ କିଷାନ। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ରାହୁଲ ବାଗ୍‌କୁ ପୋଲିସ ଗିରଫ କରିଛି। ସୂଚନାନୁସାରେ, ରାହୁଲ ଓ ସୌଦାମିନୀ ପ୍ରାୟ ୩ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ବିବାହ ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଅନେକ ସମୟରେ କଳହ ହେଉଥିବା ଜଣାପଡ଼ିଛି। ଆଜି ସକାଳୁ କୌଣସି କଥାକୁ ନେଇ ବିବାଦ ହେବା ପରେ ରାହୁଲ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରି ପିଟି ପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ଗାଁରେ ଚାଞ୍ଚଲ୍ୟ ଖେଳି ଯାଇଥିବା ବେଳେ ଖବର ପାଇ ଝାରସୁଗୁଡ଼ା ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତ ରାହୁଲ ବାଗଙ୍କୁ କାବୁ କରିଥିଲା ପୋଲିସ। ସ୍ଥାନୀୟ ସୂତ୍ର ଅନୁସାରେ, ରାହୁଲ ଓ ସୌଦାମିନୀ ଅନ୍ୟ ଜାତିରେ ବିବାହ କରିଥିଲେ। ଘଟଣାର ପ୍ରକୃତ କାରଣ ଓ ହତ୍ୟାର ପରିସ୍ଥିତି ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ଏଚ୍. କଣ୍ଟାପାଲି ଅଞ୍ଚଳରେ ଶୋକ ଓ ଆଲୋଡ଼ନ ସୃଷ୍ଟି ହୋଇଛି। ଏହା ସହିତ ଅଧିକ ତଦନ୍ତ କରାଯାଉଛି ବୋଲି ସଦର ଆଇଆଇସି ଶୋଭାକର ସେଠ ପ୍ରକାଶ କରିଛନ୍ତି।

ଗାଧୋଇବା ବେଳେ ମହାନଦୀରେ ୩ ଛାତ୍ର ନିଖୋଜ

ଜଗତପୁର: ପ୍ରବଳ ଗରମ ଏବଂ ଗୁଳୁଗୁଳିରୁ ଆଶ୍ୱସ୍ତି ପାଇବା ଆଶାରେ ମହାନଦୀରେ ଗାଧୋଉଥିବା ବେଳେ ରବିବାର ସନ୍ଧ୍ୟାରେ ୩ଜଣ ଛାତ୍ର ନିଖୋଜ ହୋଇଯାଇଛନ୍ତି। କଟକଜିଲ୍ଲା ଜଗତପୁର ଖଇରା ବ୍ରିଜ ସାତବାଟିଆ ନିକଟ ମହାନଦୀରେ ଏହି ଅଘଟଣ ଘଟିଛି। ନିଖୋଜ ଛାତ୍ରମାନେ ହେଲେ ପ୍ରତ୍ୟୁଷ ସ୍ୱାଇଁ (୨୦), ଅଜିତ ସାହୁ (୨୧) ଏବଂ ମୁକ୍ତି ପ୍ରସାଦ ଦାସ (୨୦)। ସୂଚନା ଅନୁସାରେ ଆଜି ସନ୍ଧ୍ୟାରେ ଜଗତପୁର ଖଇରା ବ୍ରିଜ ସାତବାଟିଆ ନିକଟ ମହାନଦୀକୁ କଟକର ଚାଉଳିଆଗଂଜ ଥାନା ଅଧୀନ ନୟାବଜାର ନିକଟ ମହିମା ନଗରରେ ରହୁଥିବା ଜଗତସିଂହପୁର ଜିଲ୍ଲା କୃଷ୍ଣନନ୍ଦପୁର ଥାନା ଅଧୀନ ଲଙ୍କାପଡ଼ା ବାସିନ୍ଦା ପ୍ରଦୀପ୍ତ ସ୍ୱାଇଁଙ୍କ ପୁଅ ପ୍ରତ୍ୟୁଷ, କଟକ ସିଆରଆରଇ ଥାନା ଅଧୀନ ନୟାବଜାର ପୋଟାପଖରୀ ବାସିନ୍ଦା ନରୋତ୍ତମ ସାହୁଙ୍କ ପୁଅ ଅଜିତ ସାହୁ, ମଧୁପାଟଣା ଥାନା ଅଧୀନ ବେଲେଶ୍ୱର ବାସନ୍ଦା ମୁକ୍ତି ପ୍ରସାଦ ଦାସ ଏବଂ କଲ୍ୟାଣୀ ନଗରର ଅମ୍ଳାନ ପ୍ରସାଦ ନାୟକ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ସେମାନେ ଗାଧୋଉଥିବା ବେଳେ ଅମ୍ଳାନ ଜଳର ଗଭୀରତା ଜାଣିପାରି ନିୟନ୍ତ୍ରଣ ହରାଇଥିଲେ। ତେଣୁ ଅମ୍ଳାନଙ୍କୁ ବଞ୍ଚାଇବା ପାଇଁ ଅନ୍ୟ ତିନି ଜଣ ସାଙ୍ଗ ଉଦ୍ୟମ କରିଥିଲେ। ଅମ୍ଳାନ କିନ୍ତୁ କୌଣସି ପ୍ରକାରରେ ସୁରକ୍ଷିତ ଭାବେ ସ୍ଥଳଭାଗକୁ ଫେରି ଆସିଥିଲେ। କିନ୍ତୁ ପ୍ରତ୍ୟୁଷ, ଅଜିତ ଏବଂ ମୁକ୍ତି ପ୍ରସାଦ ପାଣିରେ ଭାସି ଯାଇଥିଲେ। ତିନି ଜଣ ସାଙ୍ଗ ହଠାତ ନିଖୋଜ ହୋଇଯିବା ନେଇ ଅନ୍ୟମାନେ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଜଗତପୁର ଅଗ୍ନିଶମ ବାହିନୀ ପହଞ୍ଚିଛି। ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଉଦ୍ୟମ ଜାରି ରଖିଛନ୍ତି। ତେବେ ଅନ୍ଧାର ହୋଇଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ପହଞ୍ଚିଛି।

ତାମିଲନାଡୁରେ ଗ୍ୟାସ୍ ଲିକ୍ ଘଟଣା

ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୧୩ କୁ ବୃଦ୍ଧି

ଭୁବନେଶ୍ୱର: ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟପାଲୟମ ନିକଟରେ ଥିବା ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନି କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଦୁଇ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ଦୁଇ ଜଣ ମଧ୍ୟ ଯୁବତୀ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ଟାଙ୍ଗିରି ଦୁବନଳି ସାହିର ବୃନ୍ଦା ଜୁଆଙ୍ଗଙ୍କ ଝିଅ କବିତା ଜୁଆଙ୍ଗ ଓ ଅନ୍ୟ ଜଣେ ଅନୁଗୋଳ ଜିଲ୍ଲା ଖମାର ଥାନା ଆଲୁରୀ ପଞ୍ଚାୟତ ଅନ୍ଧାରି ସାହିର ବୁଧୁବାରୀ ନାଏକ। ଏହା ସହିତ ଏହି ଘଟଣାରେ ୧୩ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଲାଣି। ସମସ୍ତ ମୃତକ ହେଉଛନ୍ତି ଯୁବତୀ। ଏହି ଘଟଣା ପରେ ସରକାର ତାମିଲନାଡୁରୁ ୨୩ ଜଣ ଯୁବତୀ ଓ ୩୫ ଜଣ ଯୁବକଙ୍କୁ ଫେରାଇ ଆଣିଛନ୍ତି। ଆଉ ୭ ଜଣ ସେଠାରେ ଚିକିତ୍ସାଧୀନ ଅଛନ୍ତି। କେନ୍ଦୁଝର ଜିଲ୍ଲାର ତେଲକୋଇ, ବାଂଶପାଳ ଓ ହରିଚନ୍ଦନପୁର ବ୍ଲକର ଏହି ଜୁଆଙ୍ଗ ଜନଜାତି ଯୁବକ ଓ ଯୁବତୀ ଶ୍ରୀକାନ୍ତ ଜୁଆଙ୍ଗ ନାମକ ଜଣେ ଦଲାଲର ପ୍ରରୋଚନା ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେମାନେ ରାଜେଶ କଣ୍ଟ୍ରାକ୍ଟର ଅଧୀନରେ କାମ କରୁଥିଲେ। ଗତକାଲି ତାମିଲନାଡୁ ପୁଲିସ ଏହି ଘଟଣାରେ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନଙ୍କ ମଧ୍ୟରେ ଶ୍ରୀକାନ୍ତ ଜୁଆଙ୍ଗ ଓ ରାଜେଶ ମଧ ଅଛନ୍ତି। ରାଜ୍ୟ ବାହାରକୁ କେବଳ ଜୁଆଙ୍ଗମାନଙ୍କୁ ଜଣେ ଜୁଆଙ୍ଗ ମଧ୍ୟସ୍ଥିଙ୍କ ଜରିଆରେ ନିଆଯାଉଥିଲା। କିନ୍ତୁ ଯା ପଛରେ ଗୋଟିଏ ବଡ଼ ସଂଗଠନ କାମ କରୁଥିବା ଦାଦନ ଯାଇଥିବା ଶ୍ରମିକମାନଙ୍କ ଆତ୍ମୀୟମାନେ ଅଭିଯୋଗ ଆଣିଛନ୍ତି।

ରଥ ନିର୍ମାଣର ୬୯ତମ ଦିବସ

୧୨ ଗୋଟି ଦୁଆରବେଢ଼ାର ରଙ୍ଗ କାର୍ଯ୍ୟ ଶେଷ

- ତିନିରଥର ବାହ୍ୟ ଅଂଶ ଗୁଡ଼ିକର ରଙ୍ଗ କାର୍ଯ୍ୟ ଜାରି
- ସେବା ପୂଜା ନୀତି ପାଇଁ ଚାଲିଛି କାଠ ନିର୍ମିତ ସରଞ୍ଜାମ ନିର୍ମାଣ

ପୁରୀ : ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ। ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ରବିବାର ରଥ ନିର୍ମାଣର ୬୯ ତମ ଦିବସରେ ରଥ ନିର୍ମାଣ କାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ରବିବାର ୧୨ ଗୋଟି ଦୁଆର ବେଢ଼ାର ରଙ୍ଗ କାର୍ଯ୍ୟ ଶେଷ ହୋଇଛି। ଶନିବାର ସୁଦ୍ଧା ତିନିରଥର ବେଦୀ ସିଂହାସନ ନିର୍ମାଣ କାର୍ଯ୍ୟ ସହ ସିଂହାସନ ମାଲ କାଠର ଚଉପଟ କାର୍ଯ୍ୟ ସହ ତିନିରଥର ପ୍ରଭାରେ ରୂପ ଖୋଦେଇ ଜାରୀ ରହିଥିଲା। ତିନିରଥର ମହାରଣା ସେବକ ଏବଂ ଭୋଇ ସେବକ ମାନଙ୍କ ସହଯୋଗରେ ତିନିରଥରେ ପଟା ପଡ଼ି ବେଦୀ ନିର୍ମାଣ ଶେଷ କରିବାସହ ତିନିରଥର ବେଦୀ ସିଂହାସନ ମୁହାଁଟି ବେଦୀ ରେ ଫିଟିଙ୍ଗ କାର୍ଯ୍ୟ ଶେଷ କରିଛନ୍ତି। ଚାରମାଲ ବନ୍ଧା ପାଇଁ ଏକଗୋଟି ୩୦ ଫୁଟିଆ ଶାଳ ମାଲ କାଠର ଚଉପଟ କାର୍ଯ୍ୟ ଆଜି ଶେଷ ହେବାପରେ ଚାର ମାଲ ବନ୍ଧା କାର୍ଯ୍ୟ ପାଇଁ ଉକ୍ତ ଚଉପଟ ଶାଳ ମାଲ କାଠକୁ କୋଠା ସୁଆଁସିଆ ସେବକ ମାନଙ୍କୁ ଯୋଗାଇ ଦିଆଯାଇଛି। ଆଜି ତିନିରଥର ଚାରି ଗୋଟି ଲେଖାଏଁ ୧୨ ଗୋଟି ଦୁଆର ବେଢ଼ାରେ ଚିତ୍ରକାର ସେବକ ମାନେ ଦୁଆର ବେଢ଼ା ଗୁଡିକରେ ରାହୁ ମୁଣ୍ଡ ରୂପ ଚିତ୍ର ସହ ସେଥିରେ ଛାୟା ମାୟା ରଙ୍ଗ ଚିତ୍ର କାର୍ଯ୍ୟ ଶେଷ କରିଛନ୍ତି । ମୁଖ୍ୟ ରୂପକାର ସେବକ ଏବଂ ସହଯୋଗୀ ରୂପକାର ସେବକ ମାନେ ମିଶି ତିନିରଥର ପ୍ରଭା ରେ ରୂପ ଖୋଦେଇ କାର୍ଯ୍ୟକୁ ଆଗେଇ ନେବା ସହ ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚିତ୍ରକାର ସେବକ ମାନେ ତିନିରଥର ଟେକେରା ବାଡ଼,ଶୁଆ, ଅଁଳା,ଋଷି ପଟା, ହାତୀ ପଟା, ସଖୀ ଗୁଡିକରେ ରଙ୍ଗ କାର୍ଯ୍ୟ ଶେଷ କରି ନାଟ ଗୋଡ଼, ରଥ ପାର୍ଶ୍ୱ ମୂର୍ତ୍ତି,, କନ୍ୟା ପଟା, କଳସ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ସହ ତିନିରଥର ସାରଥିରେ ପ୍ରାଇମର୍ ପରେ ରଙ୍ଗ କାର୍ଯ୍ୟ ଜାରୀ ରହିଛି, ଏଥିସହ ତିନିରଥର ବାହ୍ୟ ଅଂଶ ଗୁଡ଼ିକର ରଙ୍ଗ କାର୍ଯ୍ୟ ଜାରୀ ରହିଛି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନିରଥର ବେଦୀ ସିଂହାସନ ଗୁନଠୀ ୧୦ ଟି ଲେଖାଏଁ କଣ୍ଟା ଶେଷ କରି ଧ୍ୱଜ ବତା କଣ୍ଟା, ଧୂଳି ଦଣ୍ଡା କଣ୍ଟା, ପ୍ରଭା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ପାହି ମହାରଣା ମାନେ ଅଣସର ପାଇଁ କାଠ ,ବାଉଁଶ ନିର୍ମିତ ସରଞ୍ଜାମ ନିର୍ମାଣ ଶେଷ କରି ରଥଯାତ୍ରା ରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି ।ତିନିରଥ ର ମହାରଣା ସେବକ ୭୭ ଜଣ, ଭୋଇ ସେବକ ୭୬ଜଣ, ରୂପକାର ସେବକ ୨୧ଜଣ , ଓଝା କମାର ସେବକ ୨୦ଜଣ , କରତୀ ସେବକ ୪ଜଣ,ତୁମ୍ବ ବିନ୍ଧ କାରୀଗର ୨ଜଣ ,ପାହି ମହାରଣା ୨ଜଣ ,ଚିତ୍ରକାର ୪୦ ଜଣ, ରଥଖଳା ସହାୟକ ୧ଜଣ ମୋଟ ୨୪୩ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୨୯ ଜୁନ୍ ୨୦୨୬

ସମ୍ପାଦକୀୟ

ହର୍ମୁଜ୍ ହର୍କତ

କେବେ ଥିଲା ଏହା ଏକ ସାଧାରଣ ଶବ୍ଦ। ଏବେ କିନ୍ତୁ ପାଲଟି ଯାଇଛି ଏକ ଅନ୍ତର୍ଜାତୀୟ ଶବ୍ଦ। ପର୍ସିଆନ୍ ଉପସାଗର ଏବଂ ଓମାନ୍ ଉପସାଗରକୁ ପରସ୍ପର ମଧ୍ୟରେ ସଂଯୋଗ କରୁଥିବା ଏକ ଅନ୍ତର୍ଜାତୀୟ ଜଳପଥ ହେଉଛି ଦି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍। ଯେଉଁ ଜଳପଥ ଦେଇ ପ୍ରାୟ ୨୦ ପ୍ରତିଶତ କ୍ରୁଡ୍ ଅଏଲ୍ ବିଶ୍ୱର ବିଭିନ୍ନ ରାଷ୍ଟ୍ରକୁ ଯୋଗାଣ ହୋଇଥାଏ। ଏଣୁ ହର୍ମୁଜ୍ ପ୍ରଣାଳୀ ବା ଦି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ହେଉଛି ସେହିଭଳି ଏକ ଅନ୍ତର୍ଜାତୀୟ ଜଳପଥ ଯେଉଁ ଜଳପଥ ମାଧ୍ୟମରେ ଭାରତ ମଧ୍ୟ ତା'ର କ୍ରୁଡ୍ ଅଏଲ୍ ବା କଚ୍ଚାତେଲ ଆବଶ୍ୟତାର ପରିପୂର୍ତ୍ତି କରିଥାଏ। କେବଳ କଚ୍ଚା ତେଲ ନୁହେଁ, ନାଚୁରାଲ୍ ଗ୍ୟାସ୍ ର ଆବଶ୍ୟକତା ମଧ୍ୟ ପୂରଣ କରିଥାଏ। କେବଳ ଭାରତ ନୁହେଁ, ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ସମୂହ , ବିଶେଷକରି ଏସିଆର ଅଧିକାଂଶ ରାଷ୍ଟ୍ରସମୂହ ସେହି ଅନ୍ତର୍ଜାତୀୟ ଜଳପଥ ଉପରେ ନିର୍ଭର କରନ୍ତି। ହର୍ମୁଜ୍‌କୁ ନେଇ ଏବେ ପରିସ୍ଥିତି ଅତି ଅଣାୟତ୍ତ ସ୍ଥିତିକୁ ଆସିଯାଇଛି। ସ୍ଥିତି ଏଭଳି ହୋଇଛି, ଯାହାକୁ ନେଇ ବୈଶ୍ୱିକ ପରିସ୍ଥିତି ମଧ୍ୟ ଅତି ଜଟିଳ ହୋଇ ପଡ଼ିଛି। ଯାହା ପଛର ମୁଖ୍ୟ କାରଣ ହେଉଛି ଇରାନ୍ - ଆମେରିକା ଯୁଦ୍ଧ ଯାହାକି ଦୀର୍ଘ ଦିନରୁ ଜାରି ରହିଛି ଏବଂ ଆଗକୁ ମଧ୍ୟ ଉଭୟଙ୍କ ମଧ୍ୟରେ ସେହିଭଳି ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି। ହର୍ମୁଜ୍ ପ୍ରଣାଳୀ ହେଉଛି ପୂରା ବିଶ୍ୱ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗ ପ୍ରଣାଳୀ । ଏଇଥିପାଇଁ କି ହର୍ମୁଜ୍ ପ୍ରଣାଳୀ ଦେଇ ଇରାନ୍ ଯେଉଁ କଚ୍ଚାତେଲ ରପ୍ତାନୀ କରେ, ପ୍ରାକୃତିକ ଗ୍ୟାସ୍ ମଧ୍ୟ ବିତରଣ କରେ। ଏଣୁ କହିବାକୁ ଗଲେ ଅଧାବିଶ୍ୱ ହର୍ମୁଜ୍ ପ୍ରଣାଳୀ ମାଧ୍ୟମରେ ଉପକୃତ ହୁଅନ୍ତି । ଭାରତର ମଧ୍ୟ ଭାଗ ରହିଛି ସେଥିରେ । ଏଣୁ ଭାରତ ମଧ୍ୟ ଆଜି ହର୍ମୁଜ୍ ସମସ୍ୟାର ସମାଧାନ ଦିଗରେ ସେମିତି କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ହେଲେ ଭାରତ କିନ୍ତୁ ସେମିତି କିଛି କରିପାରୁନି ...କିଛି ବି କରିପାରୁନି । କେବଳ ଭାଷଣବାଜିରେ ସୀମିତ ରହିଛି ଯାହା। ଏମିତି ବି ଭାଷଣ ଦେବାରେ ଭାରି ଧୂରନ୍ଧର ଭାରତ ବୋଇଲେ ଭାରତୀୟ ପ୍ରଧାନମନ୍ତ୍ରୀ। ଯାହା କେବଳ ଆମେ କହୁନୁ କି ଆମେ ଲେଖୁନୁ .. ସାରା ବିଶ୍ୱ ସେ ବିଷୟରେ ଅବଗତ , ସାରା ବିଶ୍ୱ ପ୍ରଧାନମନ୍ତ୍ରୀଙ୍କ୍ ସେଭଳି ସାରଗର୍ଭକ ଭାଷଣ ଅବା ଭାବଗର୍ଭକ ଭାଷଣ ବିଷୟରେ ଅବଗତ କିନ୍ତୁ ଆଜି ସେହି ଭାଷଣ ହର୍ମୁଜ୍ ଭଳି ଏକ ଅନ୍ତର୍ଜାତୀୟ ପ୍ରଣାଳୀ ସମସ୍ୟା ସମାଧାନ ଦିଗରେ ସମ୍ପୂର୍ଣ୍ଣ ରୂପେ ବିଫଳ ସାବ୍ୟସ୍ତ ହୋଇଛି। ଇରାନ୍ ସହିତ ଆମେରିକାର ଯୁଦ୍ଧ ଚଳିତ ଫେବୃଆରୀରୁ ଆରମ୍ଭ ହୋଇ ଏଯାବତ୍ ଜାରି ରହିଛି। ୟୁରାନିୟମ ମାମଲାରେ କ୍ଷୁବ୍ଧ ଆମେରିକା ପଛରେ ପଡ଼ିଯାଇଛି। କଥା ହେଉଛି ୟୁରାନିୟମ ଇରାନ୍‌ର ଆଭ୍ୟନ୍ତରୀଣ ମାମଲା। ଇରାନ୍‌ର ପରମାଣୁ ପରୀକ୍ଷଣ ମାମଲା, ଯାହା କି ସେ ଦେଶର ସମ୍ପୂର୍ଣ୍ଣ ନିଜସ୍ୱ ଅଥଚ ଆମେରିକା ଜବରଦସ୍ତ ସେଥିରେ ମୁଣ୍ଡ ଖେଳାଇ ସେଥିରେ ନିଜର ମୁଣ୍ଡ ବିଗାଡ଼ିବା ସହିତ ଅନ୍ୟମାନଙ୍କର ମୁଣ୍ଡ ମଧ୍ୟ ଖରାପ୍ କରୁଛି। ସେପାଇଁ ଆମେରିକା ନଜର ପକେଇଛି ହର୍ମୁଜ୍ ପ୍ରଣାଳୀ ଉପରେ। ସାଥିରେ ରହିଛି ଆମେରିକାର ସବୁଠୁ ବଡ଼ ସହଯୋଗୀ, ବଡ଼ ଅନୁଗାମୀ , ସବୁଠୁ ବଡ଼ ଚାମ୍‌ଚା ଇସ୍ରାଏଲ୍ ଯେ କି ଆମେରିକା କଥାରେ ଉଠ୍ ବସ୍ ହେଉଛି। ଉଭୟ ମିଶି ଇରାନ୍ ଉପରେ ତାଙ୍କର ଆକ୍ରମଣ ଜାରି ରଖିଛନ୍ତି। ମଝିରେ ମଝିରେ ସାମୟିକ ଅସ୍ତ୍ରବିରତି। ତାହା ବି ନାମକୁ ମାତ୍ର। ତେବେ ଇରାନ୍ ର ବି ରହିଛି ଆଲୁଦୋଷ। ସେ ବି ତା'ର ସହଯୋଗୀ ରାଷ୍ଟ୍ର ଯେମିତି ଲେବାନନ୍ ରେ ପ୍ରତିପାଳିତ ଆତଙ୍କବାଦୀ ଗୋଷ୍ଠୀ ହିଜବୁଲ୍ଲା ଜରିଆରେ ଇସ୍ରାଏଲ୍‌ରେ ପଶି ବେଳେବେଳେ ଯେଉଁ ମାଙ୍କଡ ଖେଳ କରୁଛି, ତା'ର ଜବାବ୍ ବି ଦେଉଛି ଇସ୍ରାଏଲ୍ ସିଂହ ଶୈଳୀରେ। ବୋଧିହୁଏ ଏଇଥିପାଇଁ ଆମେରିକା ଇରାନ୍ ଉପରେ କ୍ଷୁବ୍ଧ ହୋଇ ତା'ଉପରେ ଦାଉ ସାଧୁଛି। ହର୍ମୁଜ ତ ଏକ ବାହାନା ମାତ୍ର ଯାହା ଉପରେ ଆମେରିକା କବ୍‌ଜା କରି ବସିଛି। ଯାହାଦ୍ୱାରା ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ଦେଖାଯିବାର ଆଶଙ୍କା ସୃଷ୍ଟି ହୋଇଛି। ଉଭୟ ଇରାନ୍ ଏବଂ ଆମେରିକା ମଧ୍ୟରେ ଦୁଇ ଦୁଇ ଥର ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେଲା ପରେ ବି ଥମୁନି ଯୁଦ୍ଧ ସଙ୍କଟ। ଏବେ ପୁଣି ଲେବାନନ୍‌ରେ ଇସ୍ରାଏଲ୍‌ର ଆକ୍ରମଣ ପରିସ୍ଥିତିକୁ ଜଟିଳ କରିବା ସହ ଶାନ୍ତିଚୁକ୍ତିରେ ବାଧା ଉପୁଜାଇଛି ଯାହା ଫଳରେ ହର୍ମୁଜ୍ ପୁଣି ବନ୍ଦ କରିଛି ଇରାନ୍ ।

ମାର୍ଗଦର୍ଶକ

ରାଜାଙ୍କ ଠାରୁ ନେଇ ସାଧାରଣ ପ୍ରଜାଙ୍କ ପର୍ଯ୍ୟନ୍ତ, କେହି ବି ନିୟମରୁ ବାଦ୍ ପଡ଼ିବେ ନାହିଁ। ସମସ୍ତଙ୍କ କ୍ଷେତ୍ରରେ କଟକଣା ରହିଛି, ସମସ୍ତଙ୍କ କ୍ଷେତ୍ରରେ ନିୟମ କାନୁନ୍ ରହିଛି। ଶାସକ-ପ୍ରଶାସକମାନେ ପୂରା ନିୟମରେ ରହିବା ଉଚିତ ଯେହେତୁ ସେମାନେ ସମାଜର ମାର୍ଗଦର୍ଶକ, ସମାଜର ପଥ ପ୍ରଦର୍ଶକ। ନିୟମରେ ସମସ୍ତେ ବନ୍ଧା। ସେହି ନିୟମରେ ନିଜର କର୍ମମୟ ଜୀବନରୁ କିଛିଟା ସମୟ ବାହାର କରି ଥରେ ବୁଲିବା ପାଇଁ ମନସ୍ଥ କରି ତାଙ୍କର କିଛି ଜଗୁଆଳଙ୍କ ସହ ବୁଲି ବହାରିଲେ ସୁଲ୍‌ତାନ୍ ସାଲାନା। ବାଟରେ ମଧ୍ୟାହ୍ନ ଭୋଜନ ସମୟରେ ଗୋଟିଏ ସୁନ୍ଦର ଉଦ୍ୟାନରେ କିଛି ସମୟ ପାଇଁ ବାଟରେ ଅଟକିଯାଇଥିଲେ ଏବଂ ସେହି ସମୟରେ ବିଶ୍ରାମ ନେବାବେଳେ ସୁଲ୍‌ତାନଙ୍କ ଆଖିରେ ନିଦ ଲାଗିଯାଇଥିଲା। ଉଠିଲା ବେଳକୁ ଦେଖିଲେ ଯେ ତାଙ୍କର ପ୍ରିୟ ଘୋଡ଼ାଟି ନାହିଁ। ରାଗରେ ଚୋରକୁ ଧରିବା ପାଇଁ କଡ଼ା ଆଦେଶ ଦେଇ ବୁଲା ବନ୍ଦକରି ସେ ବାହାରିଲେ ନିଜ ଉଆସ ଅଭିମୁଖେ। ବାଟରେ ଜଗୁଆଳ କିନ୍ତୁ ସୁଲତାନଙ୍କୁ ସତ କହିଲା ଯେ ଚୋର ତା' କାମରେ ସଫଳ ହୋଇଛି ହେଲେ ମୁ ମୋ କାମରେ ବିଫଳ ହୋଇଛି। ଉଦ୍ୟାନରେ ଖାଇପିଇ ସମସ୍ତେ ବିଶ୍ରାମ ନେଉଥିଲାବେଳେ ମୁ ବି ଟିକେ ବିଶ୍ରାମ ନେଇଗଲି। ତା'ର ସୁଯୋଗ ନେଇ ଚୋର ନେଇଗଲା ଘୋଡ଼ାଟି। ଜଗୁଆଳ ମୁହଁରୁ ଏପରି କଥା ଶୁଣି ସୁଲ୍‌ତାନଙ୍କ ରାଗ ଆହୁରି ବଢ଼ିଗଲା। ଜଗୁଆଳକୁ ସେ କିଛି ଶାସ୍ତି ଦେବାକୁ ଚିନ୍ତା କଲେ। ସତ କହିଥିବାରୁ ଜଗୁଆଳକୁ ଶାସ୍ତି ତ ମିଳିଲା ହେଲେ ସେତେ କଠିନ ନୁହେଁ, ଯାହା ହେଉ ନିୟମ ତ ସଭିଙ୍କ ପାଇଁ ସମାନ।" ରାଜାଙ୍କ ଠାରୁ ନେଇ ସାଧାରଣ ପ୍ରଜାଙ୍କ ପର୍ଯ୍ୟନ୍ତ, କେହି ବି ନିୟମରୁ ବାଦ୍ ପଡ଼ିବେ ନାହିଁ। ଶାସକ-ପ୍ରଶାସକମାନେ ପୂରା ନିୟମରେ ରହିବା ଉଚିତ ଯେହେତୁ ସେମାନେ ସମାଜର ମାର୍ଗଦର୍ଶକ, ସମାଜର ପଥ ପ୍ରଦର୍ଶକ। ନିୟମରେ ସମସ୍ତେ ବନ୍ଧା। ସେହି ନିୟମରେ ନିଜର କର୍ମମୟ ଜୀବନରୁ କିଛିଟା ସମୟ ବାହାର କରି ଥରେ ବୁଲିବା ପାଇଁ ମନସ୍ଥ କରି ତାଙ୍କର କିଛି ଜଗୁଆଳଙ୍କ ସହ ବୁଲି ବହାରିଲେ ସୁଲ୍‌ତାନ୍ ସାଲାନା।ତେବେ କିଛି ସମୟ ପାଇଁ ସେଠାରେ ଅଟକି ଯାଇ ଫଳାଫଳ ଚିନ୍ତା କଲେ ଥଣ୍ଡା ମୁଣ୍ଡରେ। ବାଟରେ ଭୋଜନ ସମୟରେ ସୁନ୍ଦର ଉଦ୍ୟାନରେ କିଛି ସମୟ ପାଇଁ ଅଟକିଯାଇଥିଲେ।

ତୁଣ୍ଡ ଓ ମୁଣ୍ଡ

ଡ. ପ୍ରଦୀପ୍ତ କୁମାର ମିଶ୍ର

ସୃଷ୍ଟି ଚେତନା ହିଁ କଳା ଓ ଭାବଚେତନା ହିଁ ସମାଲୋଚନା । ଧନୁରୁ ତୀର ଖସିଗଲେ ଫୁଲଗଛରେ ଫୁଟିଥିବା ଫୁଲ ଝଡିଗଲେ, ବନ୍ଧୁକରୁ ଗୁଳି ଖସିଗଲେ ସେହି ତୀର, ଫୁଲ ବା ଗୁଳି ପୁଣିଥରେ ନ ଫେରିବା ଭଳି ମଣିଷର ତୁଣ୍ଡରୁ କଥା ଥରେ ବାହାରିଗଲେ ଆଉ ଫେରେ ନାହିଁ । ଆମ ଶୀର୍ଷକ ତୁଣ୍ଡ ଓ ମୁଣ୍ଡ । ଜୀବନର ଇସ୍ତାହାରକୁ ଘୋଷଣା କରିବା ଏକ କଳା । ବଗିଚାରେ ମାଳୀ ପ୍ରତ୍ୟେକ ଫୁଲର ଯତ୍ନ ନିଏ । କାରଣ ସେ ଜାଣେ ଫୁଲର ସୁଗନ୍ଧ ପ୍ରକୃତିକୁ ମନୋହର କରେ । ଯଦି ଫୁଲର ମହକ ଆକର୍ଷିତ ନ କରେ ଜନମନ, ତେବେ ମାଳୀର ଉପାୟ କଣ ? ଠିକ ସେହିପରି ସୃଷ୍ଟିର ସୌନ୍ଦର୍ଯ୍ୟ ପାଠକର ଚିତ୍ତକୁ ଆକର୍ଷିତ କରେ ।

ଜଣେ ମଣିଷର ତୁଣ୍ଡ ଅନ୍ୟ ମଣିଷ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ । କଥାରେ ଅଛି ' କହି ଜାଣିଲେ କଥା ସୁନ୍ଦର ' । ସୁନ୍ଦର ସୃଷ୍ଟିର ଉତ୍ସର ସ୍ୱରୂପ ମଣିଷର ତୁଣ୍ଡ ମାଧ୍ୟମରେ ପ୍ରକାଶିତ ହୁଏ । ଏହି ତୁଣ୍ଡ ତାର ବ୍ୟାପ୍ତିର ବଳୟ । ମଣିଷ ଅନୁଭବ ଭିତରୁ ପ୍ରାପ୍ତ ଜ୍ଞାନ ତାର ବ୍ୟକ୍ତିତ୍ୱ ନିର୍ମାଣରେ ସାହାଯ୍ୟ କରେ । ଅନୁଭବ ଯେତେ ସବଳ ହୁଏ ତାର ଭାଷା ସେତେ ମାର୍ଜିତ ହୁଏ । ମୁଣ୍ଡ ଅନୁଭବ ଓ ଭାଷାର ସଂଯୋଗ ସେତୁ । ମଣିଷ ନିକଟରେ ଦୁଇଟି ଦୃଷ୍ଟି ଅଛି । ଗୋଟେ ବାହ୍ୟଦୃଷ୍ଟି, ଯାହା ଚର୍ମ ଚକ୍ଷୁ ମାଧ୍ୟମରେ ଦେଖାଯାଏ, ଅନ୍ୟଟି ହେଉଛି ଅନ୍ତରଦୃଷ୍ଟି । ଅନ୍ତର ଦୃଷ୍ଟି ସର୍ବଦା ମସ୍ତିଷ୍କର ନଜରରେ ଥାଏ । ମସ୍ତିଷ୍କର ଏହି ନଜରପଣରୁ ତୁଣ୍ଡ ମାର୍ଜିତ ସଂଯତ ଓ ସୁନିୟନ୍ତ୍ରିତ ହୋଇଥାଏ । ବେଳେବେଳେ ମଣିଷ ହୃଦୟରେ ଆବେଗର ଗତି କ୍ଷିପ୍ର ହେଲେ ତୁଣ୍ଡ ବୋଲ ମାନେ ନାହିଁ । ଆବେଗର ବେଗ ନିୟନ୍ତ୍ରିତ ହେବା ଜରୁରୀ । ବେଗର ନିୟନ୍ତ୍ରଣ ପାଇଁ ବିବେକର ଉପସ୍ଥିତି ଥାଏ । ଅନ୍ତରାତ୍ମାରେ ସୂର୍ଯ୍ୟୋଦୟ ହେଲେ ବ୍ୟକ୍ତିର ତୁଣ୍ଡ ସରଳ ସାବଲୀଳ ଓ ମଧୁର ହୋଇଉଠେ । ମଣିଷ ଯେହେତୁ ଏକ ରହସ୍ୟମୟ ପ୍ରାଣୀ, ତେଣୁ ରହସ୍ୟମୟତା ଚେତନାର ଭିନ୍ନ ଏକ ସ୍ତର । ତୁଣ୍ଡ ଉଭୟ ରହସ୍ୟଯୁକ୍ତ ଓ ରହସ୍ୟମୁକ୍ତ କଥା ବ୍ୟକ୍ତ କରେ । ମଣିଷ ଭିତରେ ଅହଂଭାବ ସର୍ବଦା ବିଦ୍ୟମାନ । ଏହା ସ୍ଥୁଳ ଓ ସୂକ୍ଷ୍ମ ଦୁଇ ଭାଗରେ ବିଭକ୍ତ । ଉଭୟ ତୁଣ୍ଡଦ୍ୱାରା ପ୍ରକାଶିତ । ଈର୍ଷା, ଅସୂୟା, ଅସହିଷ୍ଣୁଭାବ,ପରଶ୍ରୀକାତରତା ତୁଣ୍ଡରେ ମଧ୍ୟ ପ୍ରକାଶିତ । ଏସବୁ ବ୍ୟକ୍ତିର ସ୍ୱରୂପ ଓ ସ୍ୱଭାବର ପ୍ରକାଶକ । ସୂକ୍ଷ୍ମ ଅହଂଭାବ ଆହୁରି ସୂକ୍ଷ୍ମହେଲେ ବ୍ୟକ୍ତି ସରଳ ହୁଏ । ଶରୀରକୁ ଛାଡି ଅହଂର ସ୍ଥିତି ନାହିଁ । କେଉଁଠି ନା କେଉଁଠି ସୂକ୍ଷ୍ମ ଅହଂଭାବ ବ୍ୟକ୍ତି ତାର ଅନୁଭବର ଗାଢ଼ତାରୁ ପ୍ରାପ୍ତ ଜ୍ଞାନ ମାଧ୍ୟମରେ ଅନୁଭବ କରେ । ଆଜିର ମଣିଷ ବସ୍ତୁବାଦୀ । ବସ୍ତୁବାଦୀ ତୁଣ୍ଡରେ ନିୟନ୍ତ୍ରଣ ହରାଇ ଥାଏ । ଭାବବାଦୀ ତୁଣ୍ଡରେ ନିୟନ୍ତ୍ରଣ ରକ୍ଷାକରେ । ନିୟନ୍ତ୍ରଣ ସୁନ୍ଦରପଣର ଉତ୍ସ । ଏହି ନିୟନ୍ତ୍ରଣ ମସ୍ତିଷ୍କର ପାରିବାପଣିଆ ଅଟେ । ସବୁ ମଣିଷର ମସ୍ତିଷ୍କ ଅଛି, କିନ୍ତୁ ଅନୁଭବକୁ ଧରିବା ଓ ନିୟନ୍ତ୍ରଣରେ ତୁଣ୍ଡରେ ବ୍ୟକ୍ତ କରିବା ନିକଟରେ ନ ଥାଏ । ସମାଜରେ ପ୍ରତ୍ୟେକ କ୍ଷେତ୍ରରେ ଅର୍ଥାତ ଶିକ୍ଷାଠାରୁ ରାଜନୀତି, ବ୍ୟବସାୟ ଠାରୁ କୃଷିନୀତି ପକ୍ଷରେ ମସ୍ତିଷ୍କର ଧରିରଖିବା ପଣିଆ ବ୍ୟକ୍ତିର ମୁଣ୍ଡ ଓ ତୁଣ୍ଡର ପରିଚୟ ଦିଏ । ଭୋଗବାଦ ବା ବସ୍ତୁବାଦକୁ ତ୍ୟାଗକଲେ ତୁଣ୍ଡର ସୌନ୍ଦର୍ଯ୍ୟ ବୃଦ୍ଧିପାଏ । ମଣିଷର ଅଜ୍ଞତା ତା ଅଧୋଗତିର କାରଣ । ତୁଣ୍ଡର କଥା ବ୍ୟକ୍ତିର ବ୍ୟକ୍ତିତ୍ୱର ମାପକାଠି । ମନଜଗତର ବିଚିତ୍ର ଭାବ ଆମ ଦର୍ଶନର ପ୍ରାଥମିକ ସ୍ତର । ଯେକୌଣସି ଘଟଣାର ସ୍ଥିରତା ଉନ୍ନତ ମସ୍ତିଷ୍କର ସୂଚନା ଦିଏ । ଉନ୍ନତ ମସ୍ତିଷ୍କ ଆମକୁ ଆଗକୁ ଅଗ୍ରସର ହେବାରେ ପ୍ରେରଣା ଯୋଗାଏ । ମନ ଓ ବିବେକର ଦ୍ୱନ୍ଦ୍ୱ ନିକଟରେ ଉନ୍ନତ ମସ୍ତିଷ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆକୁଳତା ଓ ବ୍ୟାକୁଳତା ଉଭୟ ତୁଣ୍ଡ ଓ ମୁଣ୍ଡରେ ପ୍ରକାଶ ପାଏ । ମଣିଷର ବିଚାର ନିଜେ ବିଚାରକରେ ଆପଣା ଢଙ୍ଗରେ । ତୁଣ୍ଡରେ ଆତ୍ମକଥନ ଶୈଳୀ ସର୍ବଦା ଆଦର୍ଶ ଓ ମୂଲ୍ୟବୋଧ ଆଧାରିତ । ମନର ଅଭିଳାଷ ବିଚାରବୋଧକୁ ସାକ୍ଷୀ ରଖି ପ୍ରକାଶ ହେବା ଜରୁରୀ । ପ୍ରତିକୂଳ ଅନୁକୂଳ ଉଭୟ ଅବସ୍ଥାକୁ ମଣିଷ ଉପଲବ୍ଧି କରେ । ସମାଜରେ ଦେଖାଯାଏ ଅନୁକୂଳର ତୁଣ୍ଡ ଓ ପ୍ରତିକୂଳର ତୁଣ୍ଡ ଭିନ୍ନ ଅଟେ । ଉଭୟ ତୁଣ୍ଡରେ ସମତା ନଥାଏ । ସମତା ରକ୍ଷାକରିବା ବ୍ୟକ୍ତିକୁ ସ୍ଥିତପ୍ରଜ୍ଞ କୁହାଯାଏ । ତୁଣ୍ଡ ଓ ମୁଣ୍ଡ ମଣିଷର ପରିଚୟ । ତୁଣ୍ଡ ପ୍ରତିଶ୍ରୁତି ଦେଇଥାଏ ସତ କିନ୍ତୁ ମୁଣ୍ଡ ତାକୁ ଭରସା ଓ ବିଶ୍ୱାସରେ ରୂପାନ୍ତରିତ କରି ବ୍ୟକ୍ତିତ୍ୱ ନିର୍ମାଣ କରେ । ପ୍ରତିଶ୍ରୁତିରେ ବ୍ୟକ୍ତିତ୍ୱ ନଥାଏ, ବିଶ୍ୱାସ ଓ ଭରସା ସହ କାର୍ଯ୍ୟକାରଣରେ ବ୍ୟକ୍ତିତ୍ୱ ନିର୍ମାଣ ହୁଏ ।

ଶେଷରେ କହିବି ଜୀବନ ଏକ ଛାଇ ଆଲୁଅର ଖେଳ । ବ୍ୟକ୍ତିର ଜୀବନ ପରିଧିକୁ ତଉଲିବା ବଡ଼ ଜଟିଳ । ସେମିତି ତୁଣ୍ଡ ଓ ମୁଣ୍ଡକୁ ନିୟନ୍ତ୍ରଣ କରିବା ଏକ ସାଧନା । ଏହି ସାଧନାର ଅର୍ଥ ନିଜ ଭିତରର ଅନ୍ଧକାରରୁ ମୂଲ୍ୟବୋଧକୁ ଖୋଜିବା । ମୂଲ୍ୟବୋଧ ପ୍ରାପ୍ତିପାଇଁ ଏକ ଜିଜ୍ଞାସୁ ମନୋଭାବର ଲୋଡା । ମାନବିକ ମୂଲ୍ୟବୋଧ ଜନ୍ମନେଲେ ତୁଣ୍ଡ ଓ ମୁଣ୍ଡରେ ସମତା ରକ୍ଷା କରାଯାଏ । ଗଭୀର ଆତ୍ମବିଶ୍ୱାସ ସହ ମୂଲ୍ୟବୋଧ ଯୋଡିହେଲେ ତୁଣ୍ଡ ଓ ମୁଣ୍ଡର ଭାରସାମ୍ୟ ରକ୍ଷା କରାଯାଏ । ଆତ୍ମବିଶ୍ୱାସରେ ମୂଲ୍ୟବୋଧ ନଥିଲେ ତୁଣ୍ଡ ବୋଲ ମାନେ ନାହିଁ । ବ୍ୟକ୍ତିର ବିଚାରପାଇଁ ମୂଲ୍ୟବୋଧର ଧାର୍ଯ୍ୟସୀମା ନାହିଁ । ତେଣୁ ଶେଷରେ କହିବି ବ୍ୟକ୍ତିର ବିଚାର ତାର ମନୁଷ୍ୟତା । ଏହି ବିଚାର ମାଧ୍ୟମରେ ତୁଣ୍ଡ ଓ ମୁଣ୍ଡ କର୍ମ କଲେ ସମାଜ ଶୃଙ୍ଖଳିତ ଓ ସୁନ୍ଦର ହୋଇପାରିବ । ଏହାର ବିପରୀତରେ ସମାଜ ହୁଏ କଳୁଷିତ । ଆସନ୍ତୁ ସମସ୍ତେ ତୁଣ୍ଡ ଓ ମୁଣ୍ଡ ମଧ୍ୟରେ ସୁନ୍ଦର ସଂଯୋଗର ସେତୁ ନିର୍ମାଣ କରିବା । ରହିଲି, ନମସ୍କାର ।

ଅଧ୍ୟାପକ ନୀଳଗିରି
ମହିଳା ଡିଗ୍ରୀ ମହାବିଦ୍ୟାଳୟ,
ନୀଳଗିରି, ବାଲେଶ୍ୱର
ଯୋଗାଯୋଗ --
୯୯୩୭୧୨୩୮୯୮

ସିଲିଗୁଡି କରିଡର ତଥା ଚିକେନ୍ ନେକ ସମସ୍ୟା

ଡଃ ଅମୂଲ୍ୟ କୁମାର ପଣ୍ଡା

ଭାରତ ମ୍ୟାପରେ ଦେଖାଯାଉଥିବା ଚିକେନ ନେକ' କଣ ? , ଅନେକ୍ ଲୋକ ଏହାକୁ ବୋଧହୁଏ ଜାଣି ନ ଥିବେ । ଆସନ୍ତୁ ଜାଣିବା ଏହି ଭାରତ ମ୍ୟାପ୍ ରେ ଥିବା ଚିକେନ୍ ନେକ୍ ଓ କାହିଁକି ଆଜି ଏହା ପାଇଁ ଭାରତ ବଙ୍ଗଳାଦେଶ ର ସମ୍ପର୍କରେ ତିକ୍ତତା ଆସିଛି। ସିଲିଗୁଡ଼ି କରିଡର, ଯାହାକୁ ଚିକେନ୍ ନେକ୍ କୁହାଯାଏ, ଏହା ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ସଂଯୋଗ କରେ। ପଶ୍ଚିମବଙ୍ଗର ଉତ୍ତରାଞ୍ଚଳରେ ହିମାଳୟର ପାଦଦେଶରେ ଅବସ୍ଥିତ ସିଲିଗୁଡ଼ି କରିଡର, ଯାହାକୁ କୁହାଯାଏ 'ଚିକେନ୍ ନେକ୍'। ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଦେଶର ଅନ୍ୟ ସ୍ଥାନ ସହ ସଂଯୋଗ କରୁଥିବା ଏକ ସଂକୀର୍ଣ୍ଣ ଭୂମି ଖଣ୍ଡ। ମାତ୍ର ୨୨ କିଲୋମିଟର ଚଉଡ଼ା ଏହି କରିଡର ଭାରତର ରଣନୈତିକ ଓ ଅର୍ଥନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଆଠଟି ରାଜ୍ୟ—ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ ଓ ତ୍ରିପୁରାକୁ ମୁଖ୍ୟ ଭାରତୀୟ ଭୂଖଣ୍ଡ ସହ ଯୋଡ଼ି ରଖିଛି। କିନ୍ତୁ ଏହାର ସଂକୀର୍ଣ୍ଣ ଗଠନ ଏହାକୁ ଭାରତର ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟ କରିଛି। ଏହି ରାଜ୍ୟ ଗୁଡିକୁ ମଧ୍ୟ ସାତ ଭଉଣୀ କୁହଯାଏ। ଭାରତର ସିଲିଗୁଡି କରିଡର ବିଷୟରେ ପ୍ରାୟତଃ ଆଲୋଚନା ହୁଏ। ଏହା ଏକ ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ଯାହାକୁ ଚିକେନ୍ ନେକ୍ ମଧ୍ୟ କୁହାଯାଏ। ଏହା କହିବାର କାରଣ ହେଉଛି ଏହା ଏକ ଅତ୍ୟନ୍ତ ସଂକୀର୍ଣ୍ଣ ରାସ୍ତା ଯାହା ମାଧ୍ୟମରେ ସମଗ୍ର ଉତ୍ତର-ପୂର୍ବ ଦେଶର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ ହୋଇଛି। ଏହାର ପତଳା ଆକୃତି ପାଇଁ ଏହାକୁ ଏପରି ନାମକରଣ କରାଯାଇଛି। ଭାରତର ଏହି ଅଞ୍ଚଳର ସବୁଠାରୁ ସଂକୀର୍ଣ୍ଣ ବିନ୍ଦୁରେ, ଏହା ମାତ୍ର ୨୨ କିଲୋମିଟର ଚଉଡା। ତେଣୁ, ଏହା ଭାରତ ପାଇଁ ଏକ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନ। ଯଦି ଏହି ଅଞ୍ଚଳ ନିୟନ୍ତ୍ରଣ ବାହାରକୁ ଚାଲିଯାଏ, ତେବେ ଉତ୍ତର-ପୂର୍ବ ଭାରତ ମୁଖ୍ୟ ଭୂଖଣ୍ଡରୁ ବିଚ୍ଛିନ୍ନ ହୋଇଯାଇପାରେ। ସିଲିଗୁଡ଼ି ପଶ୍ଚିମବଙ୍ଗର ଉତ୍ତର ଭାଗରେ, ଦାର୍ଜିଲିଂ ଓ ଜଳପାଇଗୁଡ଼ି ନିକଟରେ ଅବସ୍ଥିତ। ଏହା ହିମାଳୟର ପାଦଦେଶରେ ଅବସ୍ଥିତ। ଏହା ପଶ୍ଚିମବଙ୍ଗର ଏକ ୬୦ କିଲୋମିଟର ଲମ୍ବା ଓ ୨୧ କିଲୋମିଟର ଚଉଡା ଭୂମି। ଏହି ସିଲିଗୁଡ଼ି କରିଡର ମାଧ୍ୟମରେ ଭାରତର ସୀମା ବାଂଲାଦେଶ ଓ ନେପାଳକୁ ସ୍ପର୍ଶ କରେ। ସିକିମ୍, ତିବ୍ବତର ଚୁମ୍ବି ଉପତ୍ୟକା ଓ ଭୁଟାନର ଡୋକଲାମର ତ୍ରି-ସଂଯୋଗ ଏହା ନିକଟରେ ଅଛି। ଏହାର ସଂକୀର୍ଣ୍ଣ ଗଠନ ଯୋଗୁଁ ଏହାକୁ ଚିକେନ ନେକ କୁହାଯାଏ, କାରଣ ଏହା କୁକୁଡ଼ାର ବେକ ପରି ଦେଖାଯାଏ। ଏଠାରୁ ଯାଇଥିବା ଜାତୀୟ ରାଜପଥ ଏବଂ ରେଳ ଲାଇନଗୁଡ଼ିକ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରନ୍ତି। ଏହି ମାର୍ଗରେ ତିନୋଟି ରାସ୍ତା ଅନ୍ତର୍ଭୁକ୍ତ - ସମୁଦ୍ର, ନଦୀ ଓ ସ୍ଥଳ। କୋଲକାତା ବନ୍ଦରରୁ ସମୁଦ୍ର ପଥରେ ମିଆଁମାରର ସିଟ୍ୱେ ବନ୍ଦରକୁ ଯିବାର ରାସ୍ତା, ଏହା ଆଗକୁ କଳାଦାନ ନଦୀ ଦେଇ ଓ ତା'ପରେ ମିଆଁମାରକୁ ମିଜୋରାମ ସହିତ ସଂଯୋଗ କରୁଥିବା ରାସ୍ତା। ଏହା ଉପରେ କାମ ବର୍ତ୍ତମାନ ଧୀର ଗତିରେ ଚାଲିଛି। ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ଚିକେନ୍ ନେକ୍ ପାଇଁ ଭାରତ ଓ ବାଂଲାଦେଶ ମଧ୍ୟରେ ଦିନକୁ ଦିନ ତିକ୍ତତା କାହିଁକି ବଢି ଚାଲିଛି।

ନିକଟରେ ଚୀନ୍ ଗସ୍ତରେ ଯାଇଥିବା ୟୁନୁସ୍, ଯେତେବେଳେ ଚୀନ୍‌କୁ ନିବେଶ ପାଇଁ ନିମନ୍ତ୍ରଣ କରିଥିଲେ, ସେ କହିଥିଲେ ଯେ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ, ଯାହାକୁ ସେଭେନ୍ ସିଷ୍ଟର୍ସ କୁହାଯାଏ। ସମୁଦ୍ର ପାଖକୁ ଯିବା ପାଇଁ ସେମାନଙ୍କର କୌଣସି ରାସ୍ତା ନାହିଁ। ବାଂଲାଦେଶ ସେହି ଅଞ୍ଚଳରେ ସମୁଦ୍ରର ଏକମାତ୍ର ରକ୍ଷକ। ଏହା ଚୀନକୁ ଏଠାରେ ନିବେଶ କରିବାର ଏକ ବଡ଼ ସୁଯୋଗ ପ୍ରଦାନ କରିବ। ଟେଲିଗ୍ରାଫ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ମହମ୍ମଦ ୟୁନୁସ୍ ଏପରି ଅନେକ ନିଷ୍ପତ୍ତି ନେଇଛନ୍ତି, ଯାହା ଭାରତର ସୁରକ୍ଷା ପ୍ରତି ଚିନ୍ତାକୁ ବୃଦ୍ଧି କରୁଛି। ୟୁନୁସ୍ ଚୀନ୍‌କୁ କଲିକତା ନିକଟସ୍ଥ ମୋଙ୍ଗଲା ବନ୍ଦର ପର୍ଯ୍ୟନ୍ତ ପ୍ରବେଶ କରିବାକୁ ଅନୁମତି ଦେଇଛି । ଏହି ବନ୍ଦର କୋଲକାତାରୁ ୧୮୦ କିଲୋମିଟର ଦୂରରେ ଅବସ୍ଥିତ। ଭାରତ ବର୍ଷ ବର୍ଷ ଧରି ଭାରତ ମହାସାଗରରେ ଚୀନ୍‌ର ପ୍ରଭାବକୁ ରୋକିବାକୁ ଚେଷ୍ଟା କରିଆସୁଛି କିନ୍ତୁ ଚୀନ୍ ଶେଷରେ ସଫଳ ହୋଇଛି। ଏବେ ସେ କୋଲକାତା ନିକଟରେ ଅଛନ୍ତି, ଯାହା ଭାରତର ଚିନ୍ତାକୁ ବଢ଼ାଇ ଦେଇଛି। ବାଂଲାଦେଶରେ ଚୀନ୍ ଏବଂ ପାକିସ୍ତାନର ହସ୍ତକ୍ଷେପ ବୃଦ୍ଧି ପାଉଛି। ମହମ୍ମଦ ୟୁନୁସ୍ ଚୀନ୍ ଏବଂ ପାକିସ୍ତାନକୁ ମୁକ୍ତ ହାତ ଦେଇଛି । ଏବେ ୟୁନୁସ୍ ଭାରତର ସୁରକ୍ଷା ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ୟୁନୁସ୍ ପାକିସ୍ତାନୀ ସେନାକୁ ଭାରତର ପୂର୍ବ ସୀମା ନିକଟକୁ ଯିବା ପାଇଁ ଏକ ରାସ୍ତା ମଧ୍ୟ ଦେଇଛି । ବାଂଲାଦେଶ ବାୟୁସେନା ଏକ ଆଦେଶରେ କହିଛି ଯେ ଏହାର ପାଞ୍ଚ ଜଣ ବରିଷ୍ଠ ଅଧିକାରୀ ପାକିସ୍ତାନରେ ଜେଏଫ-୧୭ ଲଢୁଆ ବିମାନ ଉପରେ ତାଲିମ ନେବେ। ଏହି ବିମାନଟି ପାକିସ୍ତାନ ଏବଂ ଚୀନ୍ ମିଳିତ ଭାବରେ ନିର୍ମାଣ କରିଛନ୍ତି। ଲାଲମୋନିରହାଟ ବିମାନବନ୍ଦରରେ ଜେଏଫ-୧୭ ବିମାନ ନିୟୋଜିତ ହେବ ବୋଲି ବିଶ୍ୱାସ କରାଯାଉଛି। ଏବେ ଚୀନ୍ ମଧ୍ୟ ଏହାର ଦକ୍ଷିଣ ଦିଗରେ ରହିବେ କାରଣ ସେମାନେ ମୋଙ୍ଗଲା ବନ୍ଦରରେ ପ୍ରବେଶ କରୁଛି । ଏହା ବ୍ୟତୀତ, ଲାଲମୋନିରହାଟ ଏୟାରବେସରେ ପାକିସ୍ତାନୀ ଯୁଦ୍ଧ ବିମାନ ପହଞ୍ଚିବା ସମୟରେ ଭାରତୀୟ ସୀମା ନିକଟରେ ପାକିସ୍ତାନୀ ସାମରିକ କର୍ମଚାରୀଙ୍କ ଉପସ୍ଥିତି ରହିବ। ଏହି ବିମାନବନ୍ଦର ହାସିମାରା ଏୟାରବେସରୁ ୧୨୦ କିଲୋମିଟର ଦୂରରେ ଅବସ୍ଥିତ। ହାସିମାରା ଏୟାରବେସ୍ ଭାରତର ସିଲିଗୁଡି କରିଡର ନିକଟରେ ଅବସ୍ଥିତ, ଯାହାକୁ 'ଚିକେନ୍ ନେକ୍' ମଧ୍ୟ କୁହାଯାଏ। ଏହି କରିଡର ଭାରତକୁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ସହିତ ସଂଯୋଗ କରେ ଏବଂ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହା ସ୍ପଷ୍ଟ ଯେ ବାଂଲାଦେଶ ଯୋଗୁଁ, ଚୀନ୍ ଏବଂ ପାକିସ୍ତାନ ଭାରତର ଦ୍ୱାରଦେଶରେ ପହଞ୍ଚିଛନ୍ତି। ଏହା ଯୋଗୁଁ ଭାରତର ସୁରକ୍ଷା ପ୍ରତି ଏକ ଚ୍ୟାଲେଞ୍ଜ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଭାରତର 'ଚିକେନ୍ ନେକ୍'ର ଉତ୍ତରରେ ଚୀନ୍‌ର ଉପସ୍ଥିତି ବିଷୟରେ ଚିନ୍ତା ପ୍ରକାଶ ପାଇଛି।

ବର୍ତ୍ତମାନ ବାଂଲାଦେଶରେ ଚାଲିଥିବା ରାଜନୈତିକ ଅସ୍ଥିରତାକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା କହିଛନ୍ତି ଯେ, ଭାରତର ଉତ୍ତର-ପୂର୍ବ ଓ 'ଚିକେନ ନେକ୍' କରିଡରକୁ ନେଇ ହେଉଥିବା ବୟାନବାଜି ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଏପରି ବୟାନ 'ବିପଜ୍ଜନକ ଓ ଦାୟିତ୍ୱହୀନ' । ବର୍ତ୍ତମାନର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଅଧୀନରେ ବଢୁଥିବା ମୌଳବାଦୀ ପ୍ରଭାବକୁ ପ୍ରତିଫଳିତ କରେ । ଯାହା ୟୁନୁସଙ୍କ ଯୁଗରେ ପ୍ରଭାବ ହାସଲ କରିଥିବା ଉଗ୍ରବାଦୀ ବଢ଼ିବାରେ ସାହାଯ୍ୟ କରେ। ସେ ଜୋର ଦେଇ କହିଥିଲେ ଯେ କୌଣସି ଗମ୍ଭୀର ଓ ଦାୟିତ୍ୱବାନ ନେତା ପଡ଼ୋଶୀ ଦେଶକୁ ଧମକ ଦେଇପାରିବେ ନାହିଁ । ବିଶେଷକରି ଯେଉଁ ଦେଶ ଉପରେ ବାଂଲାଦେଶ ବାଣିଜ୍ୟ, ପରିବହନ ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ନିର୍ଭର କରେ ଓ ବାଂଲାଦେଶର ଅର୍ଥନୀତି ଓ ସୁରକ୍ଷା ବହୁ ପରିମାଣରେ ନିର୍ଭର କରେ। ଶେଖ୍ ହସିନାଙ୍କ ଅନୁଯାୟୀ, ଏପରି ୟୁନୁସଙ୍କ ବୟାନବାଜି କେବଳ ବୈଚାରିକ କଳ୍ପନାକୁ ପୂରଣ କରେ ବାଂଲାଦେଶର ଜାତୀୟ ସ୍ୱାର୍ଥକୁ ନୁହେଁ। ବାଂଲାଦେଶର ସାମ୍ପ୍ରତିକ ପରିସ୍ଥିତି ମଧ୍ୟରେ ଶେଖ୍ ହାସିନା ବହୁତ କିଛି କହିଥିଲେ, ଯେଉଁଥିରେ ଉସମାନ ହାଦିଙ୍କ ହତ୍ୟା ଓ ଜଣେ ହିନ୍ଦୁ ବ୍ୟକ୍ତିଙ୍କ ଲିଞ୍ଚିଂ ଅନ୍ତର୍ଭୁକ୍ତ । ଚିକେନ୍ ନେକ୍ ଧମକ ପ୍ରତି ଭାରତର ପ୍ରତିକ୍ରିୟା ସମ୍ପର୍କରେ ଶେଖ୍ ହସିନା କହିଥିଲେ ଯେ ଭାରତ ଏପରି ବୟାନ ବିଷୟରେ ଚିନ୍ତିତ ହେବା ସମ୍ପୂର୍ଣ୍ଣ ଯଥାର୍ଥ ଓ ସେ ଏହା ମଧ୍ୟ କହିଛନ୍ତି ଯେ ଏପରି ବୟାନ ବାଂଲାଦେଶର ଲୋକଙ୍କ ଚିନ୍ତାଧାରାକୁ ପ୍ରତିନିଧିତ୍ୱ କରେ ନାହିଁ। ବାଂଲାଦେଶର ଲୋକମାନେ ଭଲ ଭାବରେ ବୁଝନ୍ତି ଯେ ଆମର ସମୃଦ୍ଧି ଏବଂ ସୁରକ୍ଷା ଭାରତ ସହିତ ଦୃଢ଼ ସମ୍ପର୍କ ଉପରେ ନିର୍ଭର କରେ । ଅନ୍ତରୀଣ ସରକାରଙ୍କ ବୈଧତା ଉପରେ ପ୍ରଶ୍ନ ଉଠାଇ ଶେଖ୍ ହାସିନା କହିଛନ୍ତି, ୟୁନୁସଙ୍କ ପାଖରେ ବାଂଲାଦେଶର ବୈଦେଶିକ ନୀତିକୁ ପୁନଃନିର୍ଦ୍ଦେଶିତ କରିବାର କୌଣସି କ୍ଷମତା ନାହିଁ। ତାଙ୍କ ମତରେ, ବର୍ତ୍ତମାନର ସରକାରଙ୍କ ପାଖରେ ଭବିଷ୍ୟତ ପିଢ଼ିକୁ ପ୍ରଭାବିତ କରୁଥିବା ରଣନୈତିକ ନିଷ୍ପତ୍ତି ନେବାର କୌଣସି ଅଧିକାର ନାହିଁ। ଏଥିରୁ ସ୍ପଷ୍ଟ ଯେ ବାଂଲାଦେଶରେ ଶେଖ ହାସିନାଙ୍କ ସରକାରର ପତନ ଏବଂ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ପରେ, ସମଗ୍ର ଅଞ୍ଚଳର ପରିସ୍ଥିତି ପରିବର୍ତ୍ତନ ହେଉଛି। କ୍ଷମତା ଗ୍ରହଣ କରିବା ପରଠାରୁ, ୟୁନୁସ୍ ନିରନ୍ତର ଏପରି ନିଷ୍ପତ୍ତି ନେଇଛନ୍ତି ଯାହା ବାଂଲାଦେଶକୁ ଚୀନ୍ ଏବଂ ପାକିସ୍ତାନର ନିକଟତର କରୁଛି। ଏହା ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛି ଓ ଚିନ୍ତାର କାରଣ ପାଲଟିଛି। ବିଶେଷଜ୍ଞମାନେ କହିଛନ୍ତି, ଭାରତ ଭୁଲିଯିବା ଉଚିତ୍ ନୁହେଁ ଯେ, ଚୀନ୍ ଏକା ବାଂଲାଦେଶକୁ ଆସିନାହିଁ ବରଂ ସେ ତାଙ୍କ ସହିତ ପାକିସ୍ତାନୀମାନଙ୍କୁ ମଧ୍ୟ ଆଣୁଛନ୍ତି। ଏହା ଏକ ପ୍ରକୃତ ଚ୍ୟାଲେଞ୍ଜ କାରଣ ପାକିସ୍ତାନ ମଧ୍ୟ ୟୁନୁସ ସରକାରଙ୍କ ଉଗ୍ର ଦକ୍ଷିଣପନ୍ଥୀ ମନୋଭାବରୁ ଲାଭ ପାଉଛି। ଏପରି ପରିସ୍ଥିତିରେ, ଭାରତକୁ ଏହି ଅଞ୍ଚଳରେ ନିଜର ଦବଦବା ବଜାୟ ରଖିବା ପାଇଁ ଅତିରିକ୍ତ ପରିଶ୍ରମ କରିବାକୁ ପଡିବ। ସେହି ସମୟରେ, ବାଂଲାଦେଶ ସୀମା ନିକଟରେ ନଜର ରଖିବାକୁ ପଡିବ। ସମ୍ପ୍ରତି ଏପରି ଅନେକ ରିପୋର୍ଟ ଓ ସୋସିଆଲ ମିଡିଆ ମାଧ୍ୟମରେ ଜଣା ପଡିଛି ଯେ ପାକିସ୍ତାନ ବାଂଲାଦେଶ ମାଧ୍ୟମରେ ଉତ୍ତର-ପୂର୍ବ ଭାରତରେ ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରିବାର ଯୋଜନା କରୁଛି ଓ ଏହାକୁ ଭିତରେ ଚୀନ ସପୋର୍ଟ କରୁଛି । ଏଣୁ ଆଞ୍ଚଳିକ ସଂଯୋଗ ଓ ଭୌଗୋଳିକ ରାଜନୀତି ସିଲିଗୁଡ଼ି କରିଡର କେବଳ ଭାରତ ପାଇଁ ନୁହେଁ, ଆଞ୍ଚଳିକ ରାଜନୀତିରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏହା ନେପାଳ, ଭୁଟାନ ଓ ବାଂଲାଦେଶ ସହ ଭାରତର ବାଣିଜ୍ୟ ଓ ସାଂସ୍କୃତିକ ସଂଯୋଗର ଏକ ପ୍ରମୁଖ ମାର୍ଗ। ତିବ୍ବତର ଚୁମ୍ବି ଉପତ୍ୟକା ଓ ଡୋକଲାମର ତ୍ରି-ସଂଯୋଗ ନିକଟତା ଏହାକୁ ଚୀନ ସହ ରଣନୈତିକ ଟଣାବଜନକ ଅଞ୍ଚଳରେ ପରିଣତ କରିଛି। ୨୦୧୭ରେ ଡୋକଲାମ ସଂକଟ ଏହାର ଏକ ଉଦାହରଣ। ଭାରତ ସରକାର ଏହି ଅଞ୍ଚଳରେ ଭିତ୍ତିଭୂମି ବିକାଶ ଓ ସୁରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ବହୁ ପଦକ୍ଷେପ ନେବା ଉଚିତ୍ । ନୂଆ ରାଜପଥ, ରେଳମାର୍ଗ ଓ ବିମାନବନ୍ଦର ନିର୍ମାଣ ମାଧ୍ୟମରେ ଉତ୍ତର-ପୂର୍ବର ସଂଯୋଗକୁ ସୁଦୃଢ଼ କରାଯିବା ଆବଶ୍ୟକ । ଏହା ସହିତ ଚୀନ, ପାକିସ୍ତାନ ଓ ବାଂଲାଦେଶକୁ ହାଲକା ଭାବରେ ନ ନେଇ ଏହାର ପ୍ରବଳ ମୁକାବିଲା କରିବା ପାଇଁ ଭାରତକୁ ସ୍ୱତନ୍ତ୍ର କୂଟନୀତି ସହ ସୈନ୍ୟ ଅଭ୍ୟାସ ଓ ସଶସ୍ତ୍ର ସୈନ୍ୟ ବାହିନୀ ଜାଗ୍ରତ କରି ରଖିବା ଉଚିତ୍। ସିଲିଗୁଡ଼ି କରିଡର କ୍ଷେତ୍ର ତଥା ଚିକେନ୍ ନେକ୍ କୁ ଜୋରରେ ହେଉ ଅବା କୂଟନୀତି ପ୍ରୟୋଗରେ ହେଉ ପ୍ରଶସ୍ତ କରି ଚୀନ, ପାକିସ୍ତାନ ର ଚକ୍ରାନ୍ତ କୁ ପଣ୍ଡ କରି ଦେବା ଉଚିତ୍।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

ଉନ୍ଦେର ନଦୀରୁ ରାତି ତମାମ ବାଲି ଲୁଟ୍, ଖଣି ବିଭାଗ ଚୁପ୍

- ତୁରେକେଲା-ମମିଆ ଘାଟରେ ମାତିଛି ବାଲି ମାଫିଆ
- ରାତିରେ ଦୁଇଟି ପୋକଲୀନ ଲଗାଇ ଲୁଟି ନେଉଛି ସରକାରୀ ରାଜସ୍ୱ
- ବେଆଇନ ବାଲି ଚାଲାଣକୁ ନେଇ ଗ୍ରାମବାସୀଙ୍କ ବିରୋଧ

କଣ୍ଟାବାଞ୍ଜି,୨୮।୬ : ଅସ୍ତିତ୍ୱ ହରାଇ ବାକୁ ବସିଲାଣି ଉନ୍ଦେର ନଦୀ। ପ୍ରତିଦିନ ହେଉଛି ବେଆଇନ ବାଲି ଲୁଟି,ଉନ୍ଦେର ନଦୀକୁ ଖୋଲ କରି ବାଲି ଗିଳି ଦେଲାଣି ବାଲି ମାଫିଆ। ସାନ୍ଧ୍ୟ ୬ ଟା ହେଲେ ତୁରେକେଲା ଉନ୍ଦେର ନଦୀ ବାଲି ଘାଟରେ ମାତୁଛି ବାଲି ମାଫିଆ। ରାତି ତମାମ ଦୁଇ ଦୁଇଟି ପୋକଲୀନ ମେସିନ ସାହାଯ୍ୟରେ ଲୁଟି ନେଉଛି ସରକାରୀ ରାଜସ୍ୱ। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ତହସିଲ ଅନ୍ତର୍ଗତ ତୁରେକେଲା-ମମିଆ ବାଲି ଘାଟରେ ମାତିଛି ବାଲି ମାଫିଆ। ରାତିରେ ସହ ସହ ହାଇବା ଗାଡି ରେ ଉନ୍ଦେର ନଦୀରୁ ଲୁଟ ହେଉଛି ରାତି ତମାମ ବାଲି। ତେବେ କେତେ କ୍ୟୁବିକ ମିଟର ଲିଜ ନେଇ ମାଫିଆ ରାତି ସାରା ଦୁଇ ଦୁଇଟି ପୋକଲିନ ମେସିନ ଯୋଗେ ବାଲି ଲୁଟି ଆସୁଛି ତାକୁ ନେଇ ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି ହେଉଛି। ରାତି ସାରା ସହ ସହ ହାଇବା ଗାଡ଼ିରେ ବାଲି ନେଇ ଚଳେଇଛି ବାଲି ଚୋରି ସିଣ୍ଡିକେଟ। ସ୍ଥାନୀୟ ପାଖ ମମିଆ ଗ୍ରାମବାସୀ ଅଭିଯୋଗ,ଦୁଇ ଦୁଇଟି ପୋକଲିନ ଲଗାଇ ରାତି ସାରା ମନଇଚ୍ଛା ଲୁଟି ନେଉଛି ବାଲି ମାଫିଆ ବାଲି। ଫଳରେ ନଦୀର ଅସ୍ତିତ୍ୱ କୁ ନେଇ ଗଭୀର ଚିନ୍ତା

ପ୍ରକଟ କରି ବାଲି ମାଫିଆ ଙ୍କ ରାତି ତମାମ ବାଲି ଚୋରିକୁ ନେଇ ବିରୋଧ ମମିଆ ଗ୍ରାମବାସୀ ବିରୋଧ କରିଛନ୍ତି। ତେବେ ଦିନରେ ମେସିନ ଲୁଚାଇ ରାତିରେ ଉନ୍ଦେର ନଦୀ ତୁରେକେଲା-ମମିଆ ବାଲି ଘାଟରେ ମାଫିଆ ଚଳେଇଛି ବାଲି ଚୋରିର ମହା ସିଣ୍ଡିକେଟ କାର୍ଯ୍ୟ। ତେବେ ମାଫିଆଙ୍କ ରାତି ସାରା ବାଲି ଚୋରି କୁ ନେଇ ମମିଆ ଗାଁର ଶତାଧିକ ଲୋକ ଏବଂ ମହିଳା ମାନେ ମଧ ପହଞ୍ଚି ବିରୋଧ କରି ଦାଗିଦ କରିଥିବା ଦେଖିବାକୁ ମିଳିଥିଲା। ଉନ୍ଦେର ନଦୀରୁ ରାତିରେ ବାଲି ଉଠାଇ ସହ ସହ ହାଇବା ଗାଡି ସାହାଯ୍ୟରେ ଅନେକ ଜାଗାକୁ ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ତେବେ ଯିବା ବାଟରେ ମୁଖ୍ୟ ଥାନା ରହିଛି ହେଲେ କିଏ ଧରିବ ମାଫିଆଙ୍କ ଗାଡି। ପ୍ରଶାସନର ନାକ ତଳେ ଉନ୍ଦେର ନଦୀରୁ ବାଲି ଲୁଟ ହେଉଛି। ତଥାପି କୁମ୍ଭ କର୍ଣ୍ଣ ନିଦ୍ରାରେ ରହିଛି ପ୍ରଶାସନ। ଏହା ନେଇ ବଲାଙ୍ଗୀର ଜିଲ୍ଲା ଖଣି ଅଧିକାରୀ ଚନ୍ଦ୍ରକାନ୍ତ ମହନ୍ତଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି,ପୂର୍ବରୁ ଆମେ ସେଇ ଜାଗାକୁ ଯାଇ ବାଲି ଆମେ ସିଜ୍? କରିଥିଲୁ,ତାପରେ ତାକୁ ଅକ୍ସନ ରେ ରଖିଥିଲୁ,ଯଦି ବେଆଇନ ବାଲି ଚୋରି ହେଉଛି ଆମେ ଷ୍ଟାଫ ପଠେଇବୁ ବୋଲି କହିଛନ୍ତି। ତେବେ ବେଆଇନ ବାଲି ଲୁଟ ଉପରେ ପ୍ରଶାସନ ଧ୍ୟାନ ଦେଇ ମାଫିଆ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇ ଗ୍ରାମବାସୀ ଙ୍କ ଦାବି ହେଉଛି।

ରେଳ ରହଣି ଦାବିରେ ଆନ୍ଦୋଳନର ଚେତାବନୀ

- ଜୁଲାଇ ୧ରେ ଜନ ସମୁଦ୍ର ହେବ ନର୍ଲା ରୋଡ୍ ଷ୍ଟେସନ
- ପ୍ରଶାସନକୁ ଚରମ ବାଣୀ ଦେଲା 'ନର୍ଲା ସ୍ୱାଭିମାନ ମଞ୍ଚ'

ଭବାନୀପାଟଣା, ୨୮।୬ : କୋଭିଡ୍ ମହାମାରୀ ପୂର୍ବରୁ ନର୍ଲା ରୋଡ୍ ଷ୍ଟେସନରେ ସ୍ୱାଭାବିକ ଭାବେ ଚାଲୁଥିବା ଏକ୍ସପ୍ରେସ୍ ଟ୍ରେନ୍ ଗୁଡ଼ିକର ରହଣିକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ପ୍ରତିବାଦରେ ଏବେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନ ମୁହାଁ ହୋଇଛନ୍ତି। ରେଳ ବିଭାଗର ଏଭଳି ବୈମାତୃକ ମନୋଭାବ ବିରୋଧରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ଜୁଲାଇ ୧ ତାରିଖ (୦୧/୦୭/୨୦୨୬) ରେ ଏକ ବଡ଼ଧରଣର ଗଣ ଆନ୍ଦୋଳନର ଡାକରା ଦେଇଛି 'ନର୍ଲା ସ୍ୱାଭିମାନ ମଞ୍ଚ'।ନର୍ଲା ସ୍ୱାଭିମାନ ମଞ୍ଚର ସୂଚନା ଅନୁସାରେ, ଏହି ପ୍ରସ୍ତାବିତ ଗଣ ଆନ୍ଦୋଳନରେ କେବଳ ନର୍ଲା ନୁହେଁ, ବରଂ ପଡ଼ୋଶୀ କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲାର ପାଖାପାଖି ୫ଟି ବ୍ଲକର ହଜାର ହଜାର ଜନସାଧାରଣ ସାମିଲ ହେବାକୁ ଯାଉଛନ୍ତି। ଏଠାରେ ଟ୍ରେନ୍ ରହଣି ନହେବା ଦ୍ୱାରା ଏହି ସବୁ ଅଞ୍ଚଳର ବ୍ୟବସାୟୀ, ଗରିବ ରୋଗୀ ଏବଂ ସାଧାରଣ ଯାତ୍ରୀମାନେ ପ୍ରତିଦିନ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୂଚନା ଥାଉ କି ପୂର୍ବରୁ ବିଶାଖାପାଟନମ - ନିଜାମୁଦ୍ଦିନ (ସମତା ଏକ୍ସପ୍ରେସ),ତିରୁପତି - ବିଳାସପୁର ଏକ୍ସପ୍ରେସ,ଟାଟା - ଅରନାକୁଲମ ଏକ୍ସପ୍ରେସ ର ରହଣି ଥିଲା। ଏତତ ବ୍ୟତୀତ କୋରାପୁଟ - ପୁରୀ ଏକ୍ସପ୍ରେସ ଏବଂ ହାୱଡା - ଜୁନାଗଡ଼ (ଇସ୍ପାତ ଏକ୍ସପ୍ରେସ) ରହଣି ପାଇଁ ମଧ ଦାବି କରାଯାଇଛି।ମଞ୍ଚର କର୍ମକର୍ତ୍ତାମାନେ ପ୍ରେସ ବାର୍ତ୍ତାରେ ଚେତାବନୀ ଦେଇ କହିଛନ୍ତି, 'କୋଭିଡ ବାହାନାରେ ଯେଉଁ ଟ୍ରେନ୍ ରହଣି ଉଠାଇ ଦିଆଯାଇଛି, ତାହାକୁ ତୁରନ୍ତ ଫେରାଇ ଅଣାଯାଉ। ଏତଦ୍ ବ୍ୟତୀତ ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ କିଛି ନୂଆ ଟ୍ରେନର ରହଣି ପାଇଁ ମଧ ଦାବି କରାଯାଇଛି। ଯଦି ଆସନ୍ତା ୧ ତାରିଖ ସୁଦ୍ଧା ଏହା ଉପରେ କୌଣସି ପଦକ୍ଷେପ ନିଆନଯାଏ, ତେବେ ନର୍ଲା ଅଞ୍ଚଳବାସୀ ସିଧାସଳଖ ରେଳଧାରଣାକୁ ଓହ୍ଲାଇବେ।'ଯଦି ଜୁଲାଇ ୧ ପୂର୍ବରୁ ରେଳ ପ୍ରଶାସନ ଏହି ନ୍ୟାୟୋଚିତ ଦାବି ପ୍ରତି କର୍ଣ୍ଣପାତ ନକରେ, ତେବେ ଏହି ଆନ୍ଦୋଳନ ଆଗାମୀ ଦିନରେ ଭୟଙ୍କର ରୂପ ନେବ ଏବଂ ଏଥିପାଇଁ ସ୍ଥାନୀୟ ପ୍ରଶାସନ ଓ ରେଳ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ମଞ୍ଚ ତରଫରୁ ସ୍ପଷ୍ଟ କରିଦିଆଯାଇଛି।

ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ସଫେଇ କାର୍ଯ୍ୟକ୍ରମ ଓ ଦୀପଦାନ

ଆଠମଲ୍ଲିକ,୨୮।୬ : ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଆଠମଲ୍ଲିକ ନଗର ବିଜେପି ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ କରା ଯାଇଥିବା ବେଳେ ପୂର୍ବାହ୍ନ ୯ ଟା ରେ ସ୍ଥାନୀୟ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା, ବାଳା ଶ୍ରମ ଓ ହଷ୍ଟେଲ ର ଅନ୍ତେବାସୀ ଙ୍କୁ ଫଳ ବଣ୍ଟନ କରା ଯାଇଥିଲା । ସହର ଉପକଣ୍ଠ ରେ ଥିବା ଏକ ଆମ୍ବ ବଗିଚା ରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ କରା ଯାଇ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ସମସ୍ତେ ଏକଜୁଟ ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ । ସେହିପରି ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଦୀର୍ଘାୟୁ ଜୀବନ କାମନା କରି ସାମୁହିକ ଦୀପ ଦାନ କରା ଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ନଗର ମଣ୍ଡଳ ସଭାପତି ଶୈଳବାଳା ଅମାନ୍ତ, କାଉନସିଲର ନୂତନ ବେହେରା, ଯୁବ ନେତା ପିନା ପାଣିଗ୍ରାହୀ,ସୁବୋଧ ମିଶ୍ର, ରାଜେଶ ମିଶ୍ର, ପ୍ରାଣ ବନ୍ଧୁ ମେଣ୍ଡୁଲି,ସୁଶାନ୍ତ ପ୍ରଧାନ, ସୁଶୀଲ ମହାକୁଡ଼, ଦିଲ୍ଲୀପ ପାତ୍ର, ବିଜୟ ପାତ୍ର, ପ୍ରଭାକର କଅଁର, ପାର୍ଥ ସାରଥୀ ବେହେରା,ଭୁଜଙ୍ଗ ଭୂଷଣ ଶତପଥି, ଗୁପ୍ତେଶ୍ୱର ଘିବାଲା, ଶିବାଶିଷ ରାଉତଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

ସ୍ୱାମୀ-ସ୍ତ୍ରୀ ଝଗଡା ସମାଧାନ କରିବାକୁ ଯାଇ ଯୁବକଙ୍କୁ ହତ୍ୟା

ବଣାଇଁ, ୨୮।୬ : ସୁନ୍ଦରଗଡ ଜିଲ୍ଲା ତଲସରା ଥାନା ଯମୁନା ପଞ୍ଚାୟତର ମୟାବାହାଲ ଦେହୁରୀ ପଡ଼ାରେ ଯୁବକଙ୍କୁ ହତ୍ୟା । ଅଭିଯୁକ୍ତ ଗିରଫ, ପୁଲିସ ର ତଦନ୍ତ ଜାରି । ଗାଁର ସ୍ୱାମୀ କନ୍ଦର୍ପ ଦେହୁରୀ ଏବଂ ତାଙ୍କ ସ୍ତ୍ରୀ ଙ୍କ ମଧ୍ୟ କୌଣସି କଥା କୁ ନେଇ ଝଗଡ଼ା ହୋଇଥିଲା । ସ୍ତ୍ରୀ ପ୍ରାଣ ବିକଳ ରେ ପଡ଼ୋଶୀ ଯୁବକ ହେମନ୍ତ ନାଏକଙ୍କ ଘରକୁ ଦୌଡି ପଳାଇ ଯାଇଥିଲେ। କନ୍ଦର୍ପ ମଧ ସ୍ତ୍ରୀ କୁ ଗୋଡ଼ାଇ ହେମନ୍ତ ଘରେ ପହଞ୍ଚି ସେଠାରେ ମଧ ଝଗଡା କରିଥିଲା । ହେମନ୍ତ ଏବଂ ତାଙ୍କ ପରିବାର ଲୋକ ସ୍ୱାମୀ ସ୍ତ୍ରୀ ଙ୍କୁ ଛଡାଇ ଝଗଡା ଶାନ୍ତ କରିଥିଲେ । କିନ୍ତୁ ରାତି ପ୍ରାୟ ୧୧ ଟା ବେଳେ ହେମନ୍ତ ଘର ବାହାରେ ବସିଥିବା ବେଳେ କନ୍ଦର୍ପ ଆସି ଏକ ଧାରୁଆ ଅସ୍ତ୍ରରେ ହେମନ୍ତ ଙ୍କ ମୁଣ୍ଡରେ ଚୋଟ ମାରିଥିଲା । ଫଳରେ ହେମନ୍ତଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ପୁଲିସ ସୂଚନା ପାଇ ଘଟଣାସ୍ଥଳ କୁ ଯାଇ ଅଭିଯୁକ୍ତ କନ୍ଦର୍ପ କୁ ଗିରଫ କରିବା ସହ ମୃତଦେହ ଜବତ କରି ଅଧିକ ତଦନ୍ତ ଚଳାଇଛି । ଘଟଣାକୁ ନେଇ ଗାଁ ସାରା ସ୍ତବ୍ଧ ହୋଇଯାଇଛି ।

ପୋଲସ ପଲିଓ ପାଇଁ ସଚେତନତା ରଥର ଶୁଭାରମ୍ଭ

କୋଟପାଡ଼,୨୮।୬ : ଅଦ୍ୟ ତା ୨୬।୬।୨୦୨୬ ରିଖରେ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ପୋଲସ ପଲିଓ ପାଇଁ ଜନସାଧାରଣଙ୍କ ଉଦେଶ୍ୟରେ ଓ ସଚେତନତା ଉପଲକ୍ଷେ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି ,ଗୋଷ୍ଠୀ ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ଡ଼ଃ ବିଶ୍ୱଜିତ ମଲ୍ଲିକ,ଡ଼ଃ ମୋକ୍ଷପ୍ରଦ, ଜନସ୍ୱାସ୍ଥ୍ୟ ସପ୍ରସାରଣ ଅଧିକାରୀ - ରାହେଲ୍ କଦମ୍, ବି ପି ଏମ - ଆମୃଜିନି ବାରିକ୍, ବି.ଏ.ଏମ - ସଞ୍ଜୟ ମୋଲିକ, ହିମାଂଶୁ ଶେଖର ନାୟକ, ନରସିଂହ ସାହୁ, ବ୍ରହ୍ମାନନ୍ଦ ସ୍ୱାଇଁ,ପ୍ରକାଶ ଅଧିକାରୀ, ଆନନ୍ଦ ବେହେରା ସମେତ ଅନ୍ୟାନ୍ୟ ସମସ୍ତ ସ୍ୱାସ୍ଥ୍ୟକର୍ମୀ ମାନେ ଉପସ୍ଥିତ ରହି ଆଜିର କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ, ସୂଚନା ଥାଉକି ଏହି କାର୍ଯ୍ୟକ୍ରମ ଆସନ୍ତା ତା ୨୮.୬.୨୬ ଠାରୁ ୩୦.୬.୨୬ ପର୍ଯ୍ୟନ୍ତ ଜାରି ରହିବ ଏବଂ ବିଶେଷକରି ୦-୫ ବର୍ଷ ବୟସର ସମସ୍ତ ଶିଶୁମାନଙ୍କୁ ପଲିଓ ବୁନ୍ଦା କୋଟପାଡ଼ ଅଞ୍ଚଳର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଠାରେ ଦିଆଯିବ, ଏହି ପଲିଓ କାର୍ଯ୍ୟକ୍ରମ ଦୀର୍ଘ ଏକ ସପ୍ତାହ ପର୍ଯ୍ୟନ୍ତ ଜାରିରହିବ ଏବଂ ୦-୫ ବର୍ଷ ବୟସର ସମସ୍ତ ଶିଶୁ ଯେପରି ଟୀକା ପାଇ ପାରିବେ ତାକୁ ଆଖି ଆଗରେ ରଖି ଏହି ସଚେତନତା ରଥର ଶୁଭାରମ୍ଭ କରାଯିବାର ମୂଳ ଲକ୍ଷ।

ଚୋରା ବିଦେଶୀ ମଦ ଦୋକାନ ଉପରେ ଚଢ଼ଉ

୩୦ ଲିଟର ମଦ ସହିତ ଜଣେ ବେପାରୀ ଗିରଫ

ବାସୁଦେବପୁର,୨୮।୬ : ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅଧୀନରେ ଥିବା ନରସିଂହପୁର ବଜାର ରେ ବେଆଇନ ଭାବେ ଚୋରା ମଦ କାରବାର କରୁଥିବା ସମୟରେ ବାସୁଦେବପୁର ପୋଲିସ ପକ୍ଷରୁ କରାଯାଇଥିଲା ଚଢ଼ାଉ। ଏହି ଚଢ଼ାଉ ସମୟରେ ଜଣେ ମଦ ବେପାରୀ କୁ ଗିରଫ କରିବା ସହିତ ପାଖାପାଖି ୩୦ ଲିଟର ବିଦେଶୀ ଚୋରା ମଦ ଜବତ୍ କରାଯାଇଛି। ସୂଚନା ଅନୁଯାୟୀ ବିଶେଷ ସୂତ୍ରରୁ ଖବର ପାଇ ବାସୁଦେବପୁର ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ କରିଥିଲା ଚଢ଼ାଉ। ବାସୁଦେବପୁର ଥାନା ଅଧିକାରୀ ନିରୋଜ କୁମାର ସାମଲ ଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଅଧିକାରୀ ଦେବୀ ପ୍ରସାଦ ମହାପାତ୍ର, ଏଏସଆଇ ବିନୋଦ କୁମାର ସାହୁ ଏବଂ ଏଏସଆଇ ମିନକେତନ ସିଂ ଘଟଣାସ୍ଥଳରେ ପହଞ୍ଚି କରିଥିଲେ ଚଢ଼ାଉ। ଚଢ଼ାଉ ସମୟରେ ବେପାରୀ ନରସିଂହପୁର ପଞ୍ଚାୟତ ର କାଳିଦାସପୁର ଗ୍ରାମ ର ରମେଶ ଚନ୍ଦ୍ର ସାହୁ ଙ୍କୁ ପୋଲିସ ଗିରଫ କରିବା ସହିତ ୩୦ ଲିଟର ମଦ ଜବତ୍ କରିଥିବା ଥାନା ଅଧିକାରୀ ନିରୋଜ କୁମାର ସାମଲ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ

ବାସୁଦେବପୁର ପୋଲିସ ପକ୍ଷରୁ କିଛି ଦିନ ପୂର୍ବରୁ ପଦ୍ମପୁର ଅଞ୍ଚଳରେ ବେଆଇନ ଚୋରା ବିଦେଶୀ ମଦ ଦୋକାନ ଉପରେ ଚଢାଉ କରି ଦୁଇ ଜଣ ବେପାରୀ ସମେତ ୨୧୯.୦୮୦ ଲିଟର ବିଦେଶୀ ମଦ ଓ ବିୟର ଏବଂ ଫ୍ରିଜ, ଡିପ୍ ଫ୍ରିଜ, ମଟର ସାଇକେଲ, ବମୋବାଇଲ ଫୋନ୍,ନଗଦ ୫ ହଜାର ଟଙ୍କା ଜବତ୍ କରାଯାଇଥିବା ବାସୁଦେବପୁର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଯୋଗ୍ୟ ବାସୁଦେବପୁର ବ୍ଲକର ବେତଡା ଅଞ୍ଚଳରେ ମଧ ଚୋରା ମଦର ହବ ପାଲଟିଥିବା ବେଳେ ନାୟକାଣୀଡିହି ଥାନାର ଆଖପାଖ ଅଞ୍ଚଳର ଚୋରା ମଦ କୁଟୀର ଶିଳ୍ପ ପାଲଟିଛି । ପ୍ରତିଦିନ ସକାଳ ଠାରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ମୋବାଇଲ ସାଇକେଲରେ ହୋମ ଡେଲିଭରି ମାଧ୍ୟମରେ ଚୋରା ମଦ ଚାଲାଣ କରାଯାଉଥିବା ନଜରକୁ ଆସୁଛି। ଦିନ ଦ୍ୱିପହରରେ ସର୍ବ ସାଧାରଣରେ ଚୋରା ମଦ ଚାଲାଣ କରାଯାଉଥିବା ବେଳେ ଅବକାରୀ ବିଭାଗ ଦେଖି ନଦେଖିଲା ଭଳି ଚୁପ୍ ରହୁଛି। ସେହିପରି ବାସୁଦେବପୁର ବ୍ଲକ ରେ ବିଭିନ୍ନ ସ୍ଥାନରେ ବେଆଇନ ମଦ କାରବାର ହେଉଛି। ଯାହାଫଳରେ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଉକ୍ତ ଘଟଣାକୁ ଗୁରୁତ୍ୱ ଦେବା ସହିତ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ମଦ ଜନିତ ଘଟୁଥିବା ଘଟଣା ମାନ କିଛି ମାତ୍ରାରେ ହ୍ରାସ ହୋଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

କଣ୍ଟେନର ପଛରେ ପିଟିହେଲା ପୁଲିସ ଭ୍ୟାନ, ଦୁଇ ଡିଏସପି ଗୁରୁତର

ବାଲେଶ୍ୱର,୨୮।୬ : ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ନୂଆଗାଁ ଛକ ନିକଟରେ ଶନିବାର ଏକ ପୁଲିସ ଭ୍ୟାନ କଣ୍ଟେନର ପଛରେ ଧକ୍କା ଦେବାରୁ ଦୁଇ ଜଣ ଡିଏସପି ଓ ଚାଳକ ଗୁରୁତର ଆହତ ହୋଇଛନ୍ତି। ଚାଳକଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଏଚଆରପିସି ଡିଏସପି ପାସ୍କେଲ ଏକ୍କା ଓ କ୍ରାଇମ ଡିଏସପି ନିରୁପମା ମଲ୍ଲିକ ଉଦ୍ରକରେ

ମହରମ ଡ୍ୟୁଟି ସାରି ବାରିପଦା ଫେରୁଥିବା ବେଳେ ଅପରାହ୍ନରେ ଏହି ଦୁର୍ଘଟଣା ଘଟିଥିଲା। କୌଣସି କାରଣବଶତଃ ସେମାନଙ୍କ ଭ୍ୟାନ ନୂଆଗାଁ ଛକ ନିକଟରେ ଏକ କଣ୍ଟେନରର ପଛପଟେ ଜୋରଦାର ଧକ୍କା ଦେଇଥିଲା। ଦୁର୍ଘଟଣାରେ ଭ୍ୟାନଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାବେଳେ ସ୍ଥାନୀୟ ଲୋକେ ଦୁଇ ଅଧିକାରୀଙ୍କ ସମେତ ଚାଳକ ବାଦଲ ପ୍ରଧାନଙ୍କୁ ଉଦ୍ଧାର କରି ତୁରନ୍ତ ରେମୁଣା ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚାଳକ ବାଦଲ ପ୍ରଧାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବା ସୂଚନା ମିଳିଛି।ଖବର ପାଇ ବାଲେଶ୍ୱର ଶିକ୍ଷାଞ୍ଚଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏପଟେ ବାରିପଦାରୁ ଅତିରିକ୍ତ ଏସପିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ରେମୁଣା ମେଡିକାଲ କଲେଜରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ସମୀକ୍ଷା କରୁଛନ୍ତି। ଦୁର୍ଘଟଣାର ପ୍ରକୃତ କାରଣ ନେଇ ପୁଲିସ ତଦନ୍ତ ଜାରି ରଖିଛି।

ଏମ.ଏସ.ଏମ.ଇ ପ୍ରଦର୍ଶନୀରେ ସୁଜାତାଙ୍କୁ ପୁରସ୍କାର ପ୍ରଦାନ

କୋରାପୁଟ,୨୮।୬ : ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ (MSME) ବିଭାଗ ଆନୁକୂଲ୍ୟରେ କୋରାପୁଟଠାରେ ଏକ ଭବ୍ୟ ଉଦ୍ୟୋଗ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିକଶିତ ଓଡ଼ିଶା ଗଠନ ଦିଗରେ 'ସଶକ୍ତ ଗଝଗର' କୁ ସାରଥି କରି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯାହାର ମୂଳ ଆଭିମୁଖ୍ୟ ଥିଲା 'ବିକାଶର ଧାରା ଓଡ଼ିଶା ସାରା'। ଏହି ଅବସରରେ କୋରାପୁଟ ଜିଲ୍ଲା କୋଟପାଡ଼ର ପ୍ରସିଦ୍ଧ ବେକରୀ ପ୍ରତିଷ୍ଠାନ 'ସୁଜାତା ଫୁଡ୍ସ ଆଣ୍ଡ ବେଭରେଜେସ୍'

ର ମାଲିକାଣୀ ଶ୍ରୀମତୀ ସୁଜାତା ରାଣୀ ପଟ୍ଟନାୟକଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଛି। ସେ ସ୍ଥାନୀୟ କୃଷି ଜାତ ଦ୍ରବ୍ୟ ଯେପରିକି ମାଣ୍ଡିଆ (Millets), ଗୁଡ଼ ଏବଂ କୋରାପୁଟର ପ୍ରସିଦ୍ଧ କଫିକୁ ବ୍ୟବହାର କରି ଅତି ସ୍ୱାଦିଷ୍ଟ ତଥା ସ୍ୱାସ୍ଥ୍ୟକର ବିସ୍କୁଟ୍ ଓ କୁକିଜ୍ ପ୍ରସ୍ତୁତ କରିଛନ୍ତି। ଏହି ଅଭିନବ ଉତ୍ପାଦଗୁଡ଼ିକୁ ସମଗ୍ର ଓଡ଼ିଶାରେ ବିକଶିତ ତଥା ପ୍ରସାରିତ କରିବା ଦିଗରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ଶ୍ରୀ ରଘୁରାମ ମାଛ, ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକଙ୍କ ସମେତ କୋରାପୁଟ ଜିଲ୍ଲାର ସମସ୍ତ ସଫଳ ଉଦ୍ୟୋଗୀ ଉପସ୍ଥିତ ଥିଲେ,ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ କିଭଳି ଅଧିକ ସଶକ୍ତ କରାଯାଇପାରିବ ସେ ନେଇ ଏହି ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ମହରମ୍ ଅବସରରେ ବାହାରିଲା ହୁସୈନୀ ଜୁଲୁସ

ବାଲେଶ୍ୱର,୨୮।୬ : ମହରମ୍ ଅବସରରେ ହଜରତ ଇମାମ ହୁସେନ (ରଜି.)ଙ୍କ ତ୍ୟାଗ, ବଳିଦାନ ଓ ସତ୍ୟ-ନ୍ୟାୟର ବାର୍ତ୍ତାକୁ ସମାଜରେ ପ୍ରଚାର କରିବା ଉଦ୍ଦେଶ୍ୟରେ ହୁସୈନୀ ଜାନିସାର କମିଟିର ତତ୍ତ୍ୱାବଧାନରେ ବାଲେଶ୍ୱର ସହରର ୧୦ଟି ମହଲ୍ଲାରୁ ଭବ୍ୟ ଓ ଶୃଙ୍ଖଳିତ ହୁସୈନୀ ଜୁଲୁସ ବାହାରିଥିଲା। ଏଥିରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ, ଯୁବକ, ବୟସ୍କ ଓ ଶିଶୁମାନେ ଅଂଶଗ୍ରହଣ କରିଥିଲେ। ଜୁଲୁସ ସମୟରେ ଧର୍ମଗୁରୁମାନେ କର୍ବଲାର ଐତିହାସିକ ଘଟଣା ଓ ହଜରତ ଇମାମ ହୁସେନ (ରଜି.)ଙ୍କ ମହାନ ବଳିଦାନ ଉପରେ ଆଲୋକପାତ କରିଥିଲେ। ସତ୍ୟ, ନ୍ୟାୟ, ଧୈର୍ଯ୍ୟ ଓ ଅନ୍ୟାୟ ବିରୋଧରେ ସଂଘର୍ଷର ପ୍ରେରଣା ଭାବେ କର୍ବଲାର ଶିକ୍ଷାକୁ ଯୁବପିଢ଼ି ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ସୁନହଟ, କୁରେଶୀ ମହଲ୍ଲା, ବାଲୁବଜାର, ଦିୱାନଶାହୀ, ଖ୍ୱାଜାବାଗ, ପଠାନ ମହଲ୍ଲା, ସ୍କୁଲ ବଜାର, ସୁଏଲପୁର, ଅଜିମାବାଦ ଓ ଅରଡ଼ବଜାରରୁ ବାହାରିଥିବା ଜୁଲୁସ ନିର୍ଦ୍ଧାରିତ ମାର୍ଗ ଦେଇ ଗଳା ପୋଖରୀ ହୋଇ ଦର୍ଗାହ ମୈଦାନରେ ପହଞ୍ଚିଥିଲା। ବିଭିନ୍ନ ସ୍ଥାନରେ ଜୁଲୁସକୁ ସ୍ୱାଗତ କରାଯିବା ସହ ଶ୍ରଦ୍ଧାଳୁମାନଙ୍କୁ ଶରବତ ବଣ୍ଟନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ନାତ୍ ପାଠ, ଅହଲେ ବୈତଙ୍କ ସ୍ମରଣ ଓ ସଲାମ ପେଶ କରି କର୍ବଲାର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମୂହ ପ୍ରାର୍ଥନା ସହ ଜୁଲୁସର ସମାପନ ହୋଇଥିଲା। କାର୍ଯ୍ୟକ୍ରମ ସମୟରେ ଶୃଙ୍ଖଳା ବଜାୟ ରଖିବା ସହ ଆଇନ-ଶୃଙ୍ଖଳା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ହୁସୈନୀ ଜାନିସାର କମିଟିର ସଭାପତି ସଲିମ ଖାନ, ସମ୍ପାଦକ ଶେଖ ଇସଲାମ, କୋଷାଧ୍ୟକ୍ଷ ଅବୁ ଫଜାଏଲ କାଦରୀଙ୍କ ସମେତ ସୟଦ ନସିମ ଅହମଦ ରଜା, ଶେଖ ଅବଦୁଲ କାମିଲ, ଅଜିମ ବାଲେଶ୍ୱରୀ, ଶେଖ ଶରିଫ ମହମ୍ମଦ, ଅବଦୁଲ ରହିମ ଖାନ, ଆଶିକ ଉଲ ହକ, ଶେଖ ସଲିମ, ଶେଖ ଜମନ, ଶେଖ ଆବିଦ କାଦରୀ ଓ ଶେଖ ରାଜା ପ୍ରମୁଖ ଜୁଲୁସକୁ ସଫଳ କରିବାରେ ସହଯୋଗ କରିଥିଲେ। କମିଟି ପକ୍ଷରୁ ସମସ୍ତ ସ୍ୱେଚ୍ଛାସେବକ, ପୋଲିସ, ପ୍ରଶାସନ ଓ ସାଧାରଣ ଜନତାଙ୍କୁ ସହଯୋଗ ପାଇଁ କୃତଜ୍ଞତା ଜଣାଯାଇଥିଲା। ସମାଜରେ ଭାଇଚାରା, ଶାନ୍ତି, ପ୍ରେମ ଓ ମାନବିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ହିଁ ଏଭଳି ଆୟୋଜନର ମୂଳ ଉଦ୍ଦେଶ୍ୟ ବୋଲି କମିଟି କହିଛି।

'ନିଶା ଛାଡ଼, ଜୀବନ ଗଢ଼' ପୁରୁଣାକଟକରେ ସଚେତନତା ଅଭିଯାନ

ବୌଦ୍ଧ,୨୮।୬ : ବୌଦ୍ଧ ଜିଲ୍ଲା ପୁରୁଣାକଟକ ଅଞ୍ଚଳରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ୨୬ ତାରିଖରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ତହସିଲ ବିଭାଗ ପକ୍ଷରୁ କରନ ସୁନା ଏବଂ ସହଯୋଗୀ ଭାବେ ସରପଞ୍ଚ ଅଶୋକ କୁମାର ସେଠୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୁରୁଣା କଟକର ବ୍ରହ୍ମାକୁମାରୀ କେନ୍ଦ୍ର ସଞ୍ଚାଳିକା ବି.କେ.ମାନସୀ, ସହ- ସଞ୍ଚାଳିକା ବି.କେ.ରେଖା ନିଶା ସେବନ ର ସମାଜ ଉପରେ ପ୍ରଭାବ ଓ ନକାରାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ପରେ ତହସିଲ ଅଧିକାରୀ କରନ ସୁନା ଙ୍କ ଦ୍ୱାରା ସାମୂହିକ ଶପଥ ପାଠ କରି ଶାନ୍ତି ଶୋଭାଯାତ୍ରା ର ଆରମ୍ଭ କରାଯାଇଥିଲା। ଏହି ଶୋଭାଯାତ୍ରାରେ ପୋଷ୍ଟର ମାଧ୍ୟମରେ ଜନସାଧାରଣ ଙ୍କୁ ନିଶା ସେବନ ଠାରୁ ଦୁରେଇ ରହିବା ପାଇଁ ସଚେତନ କରାଯାଇଥିଲା ଏବଂ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମ କୁ ଶେଷ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ପାଠଶାଳା ର ଭାଇ ଭଉଣୀ ମାନେ ଯୋଗ ଦେବା ସହିତ ବି.କେ. ପ୍ରଶାନ୍ତ,ବି.କେ. ହୃଷିକେଶ ସହଯୋଗ କରିଥିଲେ।

ଦିବ୍ୟାଙ୍ଗ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ ବିଫଳ

ସାମ୍ବାଦିକଙ୍କ ତତ୍ପରତାରେ ରକ୍ଷା ପାଇଲା ଜୀବନ

ବାଲେଶ୍ୱର,୨୮।୬ : ଜମିବାଡ଼ି ବିବାଦରେ ନ୍ୟାୟ ନମିଳିବା ଅଭିଯୋଗକୁ କେନ୍ଦ୍ର କରି ଜଣେ ଦିବ୍ୟାଙ୍ଗ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଥିବା ଘଟଣା ବାଲେଶ୍ୱର ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ସାମ୍ବାଦିକମାନଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ଅଘଟଣ ଟଳିଯାଇଛି। ସୂଚନା ଅନୁଯାୟୀ, ବାଲେଶ୍ୱର ଟାଉନ୍ ଥାନା ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀର ବାଲିଘାଟ ପୋଲ ଉପରେ ଜଣେ ଦିବ୍ୟାଙ୍ଗ ଯୁବତୀ ଜୀବନ ହାରିବା ଉଦ୍ଦେଶ୍ୟରେ ପହଞ୍ଚିଥିଲେ। ଦୀର୍ଘ ଦିନ ଧରି ଚାଲିଥିବା ଜମିବାଡ଼ି ବିବାଦରେ ପୋଲିସ ପ୍ରଶାସନ ପକ୍ଷରୁ ନ୍ୟାୟ ନମିଳିବାରୁ ସେ ମାନସିକ ଭାବେ ଭାଙ୍ଗିପଡ଼ି ଏଭଳି ଚରମ ପଦକ୍ଷେପ ନେବାକୁ ଉଦ୍ୟତ ହୋଇଥିବା ଅଭିଯୋଗ କରିଛନ୍ତି। ଯୁବତୀ ଜଣକ ଦେହରେ କିରୋସିନି ଢାଳି ହାତରେ ଲାଇଟର ଧରି ପୋଲ ଆଡ଼କୁ ଯାଉଥିବା ବେଳେ ସେଠାରେ ଉପସ୍ଥିତ କିଛି ସାମ୍ବାଦିକ ତାଙ୍କ ଆଚରଣକୁ ସନ୍ଦେହଜନକ ମନେ କରି ପିଛା କରିଥିଲେ। ପରବର୍ତ୍ତୀ ସମୟରେ ସେମାନେ ତତ୍ପରତାର ସହ ଯୁବତୀଙ୍କୁ ଅଟକାଇ ଏକ ବଡ଼ ଅଘଟଣକୁ ଏଡ଼ାଇ ଦେଇଥିଲେ ଏବଂ ତାଙ୍କୁ ପୋଲିସ ହେପାଜତକୁ ସମର୍ପଣ କରିଥିଲେ। ଉଦ୍ଧାର ହୋଇଥିବା ଯୁବତୀ ବାଲେଶ୍ୱର ଜିଲ୍ଲାର କୁରୁଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଜମିବାଡ଼ି ବିବାଦ ଓ ଯୁବତୀଙ୍କ ଅଭିଯୋଗର ସତ୍ୟତା ନେଇ ମଧ୍ୟ ଖୋଳତାଡ଼ ଆରମ୍ଭ କରିଛି।

ଘୁଷୁରାମୁଣ୍ଡା ଗାଁରେ ୪ ଦିନ ହେଲା ଅଙ୍ଗନୱାଡି କେନ୍ଦ୍ରରେ ତାଲା

ଦଳିତ ମହିଳା ପାଚିକାଙ୍କ ହାତ ରନ୍ଧାକୁ ଗ୍ରାମବାସୀଙ୍କ ବିରୋଧ

ଏବେ ବି ଯାଇନି ଜାତି ପ୍ରଥା ବାରଣ ପରମ୍ପରା

କଣ୍ଟାବାଞ୍ଜି,୨୮।୬ : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଅନ୍ତର୍ଗତ ଘୁଷୁରାମୁଣ୍ଡା ଗାଁର ୬ ନମ୍ବର ୱାର୍ଡ ଅଙ୍ଗନୱାଡ଼ି କେନ୍ଦ୍ରରେ ଦଳିତ ପାଚିକା ନିଯୁକ୍ତି ଓ ହାତ ରନ୍ଧାକୁ ନେଇ ଗୁରୁବାର ଗ୍ରାମବାସୀ ଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ନୂତନ ନିଯୁକ୍ତି ପାଇଥିବା ପାଚିକାଙ୍କୁ ବିରୋଧ କରି ଗ୍ରାମବାସୀ କେନ୍ଦ୍ରକୁ ଚାରି ଦିନ ହେଲା ତାଲା ଠୁଙ୍କି ଥିବାରୁ ଅଙ୍ଗନୱାଡ଼ି କେନ୍ଦ୍ରରେ ପାଠ ପଢା ଉପରେ ବାଧା ଦେଖାଦେଇଛି। ସୂଚନା ଅନୁଯାୟୀ ପୂର୍ବତନ ପାଚିକାଙ୍କ ମୃତ୍ୟୁ ପରେ ଖାଲି ପଡ଼ିଥିବା ପଦବୀ ପାଇଁ ଗ୍ରାମର ୬ ଜଣ ମହିଳା ଆବେଦନ କରିଥିଲେ। ଚୟନ ପ୍ରକ୍ରିୟାରେ ସର୍ବାଧିକ ମାର୍କ ପାଇଥିବା ପୁଣ୍ୟ ହରପାଳଙ୍କୁ ପାଚିକା ଭାବେ ନିଯୁକ୍ତି ଦିଆଯାଇଥିଲା। ତେବେ ଗାଁରେ ଅନେକ ଆଦିବାସୀ ବହୁଳ ଲୋକ ରହିଥିବାରୁ ନିଜ ପରମ୍ପରାର କୁ ଦୋହରାଇ ପାଚିକା ଅନୁସୂଚିତ ଜାତି ହୋଇଥିବାରୁ ଛୁଆମାନେ ତାଙ୍କ ହାତରନ୍ଧା ଖାଦ୍ୟ ଗ୍ରହଣ କରିବେ ନାହିଁ ବୋଲି ଗ୍ରାମର ଲୋକେ ବିରୋଧ କରିଥିବା ଜଣାପଡିଛି। ତାଙ୍କ ପରିବର୍ତ୍ତେ ଅନ୍ୟ ଜାତିର ଜଣେ ନିରୀହ କିମ୍ବା ବିଧବା ମହିଳାଙ୍କୁ ନିଯୁକ୍ତି ଦେବାକୁ ଦାବି କରି ସେମାନେ ଅଙ୍ଗନୱାଡ଼ି କେନ୍ଦ୍ରକୁ ତାଲା ପକାଇଛନ୍ତି। ତେବେ ଦାବି ପୂରଣ ନ ହେଲେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ତାଲାବନ୍ଦ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି। ଘଟଣାର ସୂଚନା ପାଇ ମୁରିବାହାଲ ଥାନା ଅଧିକାରୀ ବୁଲୁ ମୁଣ୍ଡା, ତହସିଲଦାର ଜଗଦୀଶ କର୍ତ୍ତାମୀ ଓ ସିଡିପିଓ ପୂର୍ଣ୍ଣିମା ବେଠାରୁ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ର ବୁଝାସୁଝା ସତ୍ତ୍ୱେ ମଧ୍ୟ ଗ୍ରାମବାସୀ ନିଜ ଦାବିରେ ଅଟଳ ରହିଥିବା ବେଳେ ଅଞ୍ଚଳରେ ଜାତି ପ୍ରଥା ବାରଣ ସୃଷ୍ଟି ହୋଇଥିବା ଘୁଷୁରାମୁଣ୍ଡା ଗାଁର ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ନାଁ ନାଁ ପ୍ରକାରର କଥା ବାର୍ତ୍ତା ଶୁଣିବାକୁ ମିଳୁଛି।

ଓୟୁଜେ ପକ୍ଷରୁ ଜଳଛତ୍ର ଓ ଦହି ସରବତ ବଣ୍ଟନ

ବାଲେଶ୍ୱର,୨୮।୬ : ଅସହ୍ୟ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଜନସାଧାରଣଙ୍କୁ ଶୀତଳତା ଓ ସଚେତନତାର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ) ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଜଳଛତ୍ର ଓ ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ବାଲେଶ୍ୱର ବାର ଆସୋସିଏସନ୍?ର ସଭାପତି ମନୋଜ କୁମାର ନାୟକ ଉଦ୍‌ଘାଟନ କରି କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗ୍ରୀଷ୍ମର ପ୍ରକୋପ ବଢୁଥିବାରୁ ସାଧାରଣ ଲୋକଙ୍କୁ ସଚେତନ ହୋଇ ନିଜ ସ୍ୱାସ୍ଥ୍ୟର ସୁରକ୍ଷା କରିବା ଆବଶ୍ୟକ। ସମ୍ବାଦ ପରିବେଷଣ ସହ ସମାଜସେବା ଓ ଜନସଚେତନତା ସୃଷ୍ଟି କରିବା ସାମ୍ବାଦିକଙ୍କ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଜଳଛତ୍ର, ସ୍ୱଚ୍ଛ ଭାରତ ଅଭିଯାନ, ରକ୍ତଦାନ ଶିବିର ଓ ବୃକ୍ଷରୋପଣ ପରି ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରି ଓୟୁଜେ ସମାଜ ପ୍ରତି ନିଜର ଦାୟିତ୍ୱବୋଧର ପରିଚୟ ଦେଇଆସୁଛି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଜିଲ୍ଲା ସଭାପତି ଗଙ୍ଗାଧର ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ସମେତ ବରିଷ୍ଠ ସଦସ୍ୟ ରାମନାରାୟଣ ଶତପଥୀ, ଅଜିତ କୁମାର ମହାନ୍ତି, ପ୍ରସନ୍ନଜିତ ଆଶ, ଅଧିପ କୁମାର ଜେନା, ଆଶୁତୋଷ ମଲ୍ଲିକ, ଲୋକନାଥ ପିରି, ଅମୃତା ପିରି, ହାଇଦର ଖାନ, ଅଜୀମ ବାଲେଶ୍ୱରୀ, ସୋମନାଥ ସାହୁ, କହ୍ନେଇ ଚରଣ ପ୍ରଧାନ, ଅଜୟ କୁମାର ପାତ୍ର, ଅରୁଣ ଚାଟାର୍ଜୀ, ଭବାନୀ ଶଙ୍କର ପାଣିଗ୍ରାହୀ, ଗୋପବନ୍ଧୁ ଗିରି, ହରେକୃଷ୍ଣ ପାତ୍ର, ମୀନାନ୍ଦ୍ର ଦାସ, ସିପୁନ କୁମାର ମହାନ୍ତି, ଆଲୋକ କୁମାର ମଲ୍ଲିକ, ବାପୁନ କୁମାର ସାହୁ ଓ ଅଭିରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ଆଇନଜୀବୀ, ବ୍ୟବସାୟୀ ଓ ଅଟୋଚାଳକମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓୟୁଜେର ଏହି ସେବାମୂଳକ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

ଗ୍ରାଉଣ୍ଡ ଜିରୋରେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଙ୍ଗ କମିଟି

ବାଲେଶ୍ୱର,୨୮।୬ : ବାଲେଶ୍ୱରରେ ଯୁବ ବ୍ୟବସାୟୀ ଶେଖ ହମିଦଙ୍କ ଗୁଳିକାଣ୍ଡ ଓ ହତ୍ୟା ଘଟଣାକୁ ନେଇ ବିଜୁ ଜନତା ଦଳର ଫ୍ୟାକ୍ଟ ଫାଇଣ୍ଡିଙ୍ଗ କମିଟି ଶନିବାର ଗ୍ରାଉଣ୍ଡ ଜିରୋରେ ପହଞ୍ଚି ଘଟଣାର ସମୀକ୍ଷା କରିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଏହି କମିଟି ବାଲେଶ୍ୱର ଗସ୍ତ କରି ପୀଡ଼ିତ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲା। ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ବାଲେଶ୍ୱର ଜିଲ୍ଲାରେ ଅପରାଧୀଙ୍କ ଦୌରାତ୍ମ୍ୟ ବଢ଼ିଚାଲିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦିବାଲୋକରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା କରାଯିବା ଘଟଣା ସାଧାରଣ ଲୋକଙ୍କ ମନରେ ଭୟ ଓ ଅସୁରକ୍ଷାର ବାତାବରଣ ସୃଷ୍ଟି କରିଛି ଏବଂ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି। କମିଟି ସଦସ୍ୟମାନେ ଗଣିପୁରସ୍ଥିତ ଶେଖ ହମିଦଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପରେ ଅରଡ଼ବଜାରରେ ଥିବା ଘଟଣାସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହାପରେ ପୁଲିସ ଅଧିକ୍ଷକଙ୍କୁ ଭେଟି ଘଟଣାର ଶୀଘ୍ର ତଦନ୍ତ, ଅପରାଧୀଙ୍କ ଗିରଫ ସହ ଜିଲ୍ଲାରେ କ୍ରାଇମ କଣ୍ଟ୍ରୋଲ ପାଇଁ କଠୋର ଓ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହି ଗସ୍ତରେ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଡ଼. ଲେଖାଶ୍ରୀ ସାମନ୍ତସିଂହାର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜୀବନ ପ୍ରଦୀପ ଦାସ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏବଂ ରାଜ୍ୟ ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଶିଶୁ ସନ୍ତାନକୁ ଉଦ୍ଧାର କଲା ପୋଲିସ

ଟିକିଟୀ,୨୮।୬ : ଆଜି ସନ୍ଧ୍ୟା ସମୟରେ କେ ନୂଆଗାଁ ଥାନା ରତନେଶ୍ୱରୀ ମନ୍ଦିର ନିକଟରେ ଏକ ଚାରି ମାସ ର ଶିଶୁ ପୁତ୍ର କୁ କେହି ଅଜଣା ଲୋକ ଛାଡି ଚାଲି ଯାଇଥିବା ବେଳେ ରାସ୍ତାରେ ଯାଉଥିବା ଲୋକେ ଉଦ୍ଧାର କରି ପୋଲିସ କୁ ଜିମା ଦେଇଥିବା ଜଣାପଡିଛି। ପୋଲିସ ସୂଚନା ପ୍ରକାରେ ରତନେଶ୍ୱରୀ ମନ୍ଦିର ନିକଟରେ କେହି ଅଜଣା ଲୋକ ଶିଶୁ ପୁତ୍ର ଟିକୁ ଛାଡି ଦେଇ ଚାଲି ଯାଇଥିବା ବେଳେ ଶିଶୁ ପୁତ୍ର ଟି ଜୋର ରେ କାନ୍ଦିବାରେ ଲାଗିଥିଲା ରାସ୍ତାରେ ଯାଉଥିବା କିଛି ଲୋକ ଶିଶୁ ର କ୍ରନ୍ଦନ ଶୁଣି ପୋଲିସ କୁ ଖବର ଦେଇଥିଲେ, ଖବର ପାଇ କେ ନୂଆଗାଁ ପୋଲିସ ତୁରନ୍ତ ପହଂଚି ଶିଶୁ ଟିକୁ ଉଦ୍ଧାର କରିବା ସହିତ ଚିକିଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା କରି ତଦନ୍ତ ଚଳାଇ ଥିବା ଜଣା ପଡିଛି।

'ଲାଇନ୍ ବାଲା' ଓଡ଼ିଆଚଳଚ୍ଚିତ୍ରରେ ସମ୍ବିତ ଓ ସ୍ୱପ୍ନା ଯୋଡି ପ୍ରଥମଥର

ଫୁଲନଖରା,୨୮।୬ : ଶ୍ରୀହରି ମୋସନ ପିକ୍ଚର୍ସ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର ଲାଇନ୍‌ବାଲା ଜୁଲାଇ ୧୦ ତାରିଖରେ ରିଲିଜ୍ ହେବାକୁ ଯାଉଛି । ଏହାର ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ମଣିଷ ଜୀବନରେ ଗୋଟେ ଅଂଶ ହେଲା ବିଦ୍ୟୁତ । ମୌଳିକ ଆବଶ୍ୟକ ମଧ୍ୟ କହିପାରିବା । କିନ୍ତୁ ଯେଉଁମାନଙ୍କ ପାଇଁ ଆମେ ସେବା ପାଇଥାଉ ସେମାନଙ୍କୁ କେବେ ସମ୍ମାନ ଦେଉନେ । ମଣିଷ ସମାଜ ସେମାନଙ୍କ ନିଷ୍ଠା, କର୍ତ୍ତବ୍ୟକୁ ଅବହେଳା କରିଚାଲିଛି । ସେମାନେ ଅନ୍ଧାରର ନାୟକ । ସେମାନଙ୍କ ଦୁଃଖ କଷ୍ଟକୁ ଆମେ ସିନେମା ମାଧ୍ୟମରେ ଦେଖେଇବା ପାଇଁ ଚେଷ୍ଟା କରିଛୁ । ସେମାନଙ୍କର ଦୁଃଖ, କଷ୍ଟରେ ସହଭାଗୀ ହେବା ପରିବର୍ତ୍ତେ ସେମାନଙ୍କୁ ଆମେ ନିର୍ଯାତନା ଦେଇଥାଉ । ବିଲ ଟଙ୍କା ମାଗିଲେ ଆମେମାନେ ମାଡ଼ ମାରିବାକୁ ବି ପଛଉ ନାହୁଁ । ତଥାପି ସେମାନେ ନିଜ କର୍ମକୁ ବ୍ରତ ଭାବି କର୍ମ କରିଥାନ୍ତି । ଏବେ ସମୟ ଆସିଛି ଆମେ ତାଙ୍କୁ ସମ୍ମାନ ଦେବା । ନିର୍ଦ୍ଦେଶକ ନିରଞ୍ଜନ କୁହନ୍ତି, ସୁଟିଂ ସମୟରେ ଆମକୁ ବହୁତ କଷ୍ଟ କରିବାକୁ ପଡିଛି । ଆମେ ଅପେକ୍ଷା କରିଥାଉ ସଟ ଡାଉନ ହେଲେ ସୁଟିଂ କରିବୁ । କିଛି ଆର୍ଟିଷ୍ଟ ଖୁଣ୍ଟି ଉପରେ ଚଢି ଅଭିନୟ କରିଛନ୍ତି କ୍ଷ ଅବଶ୍ୟ ପ୍ରଯୋଜକ ସୁଶାନ୍ତ ସାର ସବୁ ବ୍ୟବସ୍ଥା କରିଥିଲେ କ୍ଷ ଯେହେତୁ ଏହା ସତ କାହାଣୀ ଥିଲା ପ୍ରଯୋଜକ ସବୁ ସେଟ ରେ ରହୁଥିଲେ । ସିନେମାକୁ ଅରିଜିନାଲ କରିବାକୁ ଆମେ କିଛି ଥିଏଟର ଆର୍ଟିଷ୍ଟ ନେଇଛୁ । ସେମାନେ ଭଲ ଅଭିନୟ କରିଛନ୍ତି । ଏହି ସିନେମାର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ ରହିଛନ୍ତି । ବୈଦ୍ୟନାଥ ଦାଶ ଙ୍କ ଗୀତ ସିନେମାର ଏକ ପ୍ଲସପଏଣ୍ଟ ହେବ।

ଅନାଥ ଦୁଇ ଭାଇଭଉଣୀଙ୍କ ପାଇଁ ମାନବିକତାର ମହାନ ଉଦାହରଣ

ପୋଷ୍ୟ ସନ୍ତାନ କରି ସମସ୍ତ ଦାୟିତ୍ୱ ନେଲେ ବିଧାୟକ ପ୍ରକାଶ ଚନ୍ଦ୍ର

ଫୁଲନଖରା,୨୮।୬ : ମାନବିକତା ହିଁ ମଣିଷର ସବୁଠୁ ବଡ଼ ପରିଚୟ। ସମାଜରେ ଅସହାୟ ଓ ଅନାଥଙ୍କ ପାଖରେ ଠିଆ ହେବା ହେଉଛି ପ୍ରକୃତ ସେବା। ଏଭଳି ଏକ ଉଦାହରଣ ସୃଷ୍ଟି କରିଛନ୍ତି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଯିଏ ବୟାଳିଶମୌଜା ଅଞ୍ଚଳର ଦୁଇ ଅନାଥ ଶିଶୁଙ୍କ ଜୀବନରେ ଆଶାର ନୂଆ ଆଲୋକ ଜଳାଇଛନ୍ତି। ସୂଚନା ଅନୁଯାୟୀ, ବୟାଳିଶମୌଜା ଅଞ୍ଚଳର ଝାରକଟା ପଞ୍ଚାୟତ ଅନ୍ତର୍ଗତ ପଟଣା ଗ୍ରାମର ବାସିନ୍ଦା ସ୍ୱର୍ଗତ ଇନ୍ଦ୍ରମଣି ସାହୁଙ୍କର ବହୁ ପୂର୍ବରୁ ପରଲୋକ ଘଟିଥିଲା। ଏହା ପରେ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ପତ୍ନୀ ମିନତି ସାହୁ ବହନ କରୁଥିଲେ। କିନ୍ତୁ କିଛିଦିନ ପୂର୍ବରୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମିନତି ସାହୁଙ୍କ ମଧ୍ୟ ପରଲୋକ ଘଟିବା ପରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିଲା। ବାପା ଓ ମାଆଙ୍କୁ ହରାଇ ସମ୍ପୂର୍ଣ୍ଣ ଅନାଥ ହୋଇଯାଇଥିଲେ ୧୬ ବର୍ଷୀୟା କନ୍ୟା ବୈଶାଖୀ ସାହୁ ଏବଂ ୧୩ ବର୍ଷୀୟ ପୁତ୍ର ସନ୍ତୋଷ ସାହୁ। ସଂସାରର କଠିନ ବାସ୍ତବତା ସମ୍ପର୍କରେ ଅଜ୍ଞ ଏହି ଦୁଇ ନାବାଳକ-ନାବାଳିକାଙ୍କ ଭବିଷ୍ୟତ କିପରି ଗଢ଼ିବ, ସେମାନଙ୍କ ପାଠପଢ଼ା, ରହଣି, ଖାଦ୍ୟ ଓ ଦୈନନ୍ଦିନ ଜୀବନଯାପନ କିପରି ଚାଲିବ—ଏହାକୁ ନେଇ ସମଗ୍ର ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଥିଲା। ଏହି ସମୟରେ ପଡ଼ୋଶୀ, ସ୍ଥାନୀୟ ଯୁବକ, ବିଭିନ୍ନ ସାମାଜିକ ସଂଗଠନ ଓ ସମାଜସେବୀମାନେ ସହାୟତାର ହାତ ବଢ଼ାଇଥିଲେ। ଏହାରି ମଧ୍ୟରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ନିଜେ ପଟଣା ଗ୍ରାମରେ ପହଞ୍ଚି ଦୁଇ ଶିଶୁଙ୍କ ସହ ସାକ୍ଷାତ କରିଥିଲେ। ସେମାନଙ୍କ ଦୁଃଖରେ ସାମିଲ ହୋଇ ସାନ୍ତ୍ୱନା ଦେବା ସହିତ ଆତ୍ମବିଶ୍ୱାସର ସହ ଜୀବନରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ଏହା ସହ ବିଧାୟକ ଶ୍ରୀ ସେଠୀ ଏକ ମାନବିକ ଓ ପ୍ରଶଂସନୀୟ ପଦକ୍ଷେପ ନେଇ ଉଭୟ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବା ଘୋଷଣା କରିଥିଲେ। ସେ କହିଥିଲେ ଯେ, ବୈଶାଖୀ ଓ ସନ୍ତୋଷଙ୍କ ପାଠପଢ଼ା, ଖାଦ୍ୟ, ବସ୍ତ୍ର, ସ୍ୱାସ୍ଥ୍ୟସେବା ସହ ଜୀବନର ସମସ୍ତ ଆବଶ୍ୟକ ଖର୍ଚ୍ଚ ସେ ନିଜେ ବହନ କରିବେ। କୌଣସି ପ୍ରକାର ଭୟ କିମ୍ବା ଚିନ୍ତା ନ କରି ନିଜ ଶିକ୍ଷା ଉପରେ ଧ୍ୟାନ ଦେଇ ଭବିଷ୍ୟତ ଗଢ଼ିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ଏହି ମହତ୍ ଓ ମାନବିକ ପଦକ୍ଷେପକୁ ସମଗ୍ର ବୟାଳିଶମୌଜା ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି। ଜନପ୍ରତିନିଧି ଭାବେ କେବଳ ରାଜନୀତି ନୁହେଁ, ବରଂ ଅସହାୟଙ୍କ ମୁହଁରେ ହସ ଫେରାଇବାର ଏଭଳି ପ୍ରୟାସ ସମାଜ ପାଇଁ ଏକ ଅନୁକରଣୀୟ ଉଦାହରଣ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ବୁଦ୍ଧିଜୀବୀ, ସମାଜସେବୀ ଓ ଅଞ୍ଚଳବାସୀ ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଏହି ନିଃସ୍ୱାର୍ଥ ମାନବିକ କାର୍ଯ୍ୟକୁ ସାଧୁବାଦ ଜଣାଇବା ସହ କହିଛନ୍ତି, ଏଭଳି ସମ୍ବେଦନଶୀଳ ଜନପ୍ରତିନିଧି ସମାଜରେ ଆଶା ଓ ବିଶ୍ୱାସର ପ୍ରତୀକ। ଦୁଇ ଅନାଥ ଶିଶୁଙ୍କ ଜୀବନରେ ସେ ନୂଆ ସ୍ୱପ୍ନ ଓ ନୂଆ ଭବିଷ୍ୟତର ଦ୍ୱାର ଖୋଲି ଦେଇଛନ୍ତି।

ବିକାଶ ନାଁରେ ମହାଘୋଟାଲା

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ କାମରେ ବ୍ୟାପକ ଦୁର୍ନୀତି

'ଆରବିଏସ' ଠିକା ସଂସ୍ଥାର ମନମାନୀ ବିରୋଧରେ ଗର୍ଜିଲେ ଉପର୍ଦୁଣ୍ଡା ଓ ତଳଦୁଣ୍ଡା ବାସିନ୍ଦା

ଭବାନୀପାଟଣା,୨୮।୬ : ଦୀର୍ଘ ବର୍ଷର ସଂଘର୍ଷ ଏବଂ ଦାବି ପରେ ଶେଷରେ ଗାଁକୁ ଖଣ୍ଡେ ପକ୍କା ରାସ୍ତା ମିଳିଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହେଉଥିବାରୁ ଅଞ୍ଚଳବାସୀଙ୍କ ମନରେ ସୃଷ୍ଟି ହୋଇଥିଲା ଆଶା ଓ ଉତ୍ସାହ। ହେଲେ ସେହି ଆଶା ଆଜି ନିରାଶାରେ ବଦଳିଯାଇଛି। ବିକାଶ ନାଁରେ ଏଠାରେ ଚାଲିଛି ମହାଘୋଟାଲା! ସାପମୁଣ୍ଡି ଅଞ୍ଚଳରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ନିର୍ମାଣରେ ଘୋର ଅନିୟମିତତା ନେଇ ଏକ ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଦୁର୍ନୀତି ପ୍ରତିବାଦରେ କ୍ଷୋଭ ପ୍ରକାଶ କରି ସ୍ଥାନୀୟ ଉପର୍ଦୁଣ୍ଡା ଓ ତଳଦୁଣ୍ଡା ଗ୍ରାମବାସୀ ଲଗାତାର ତିନି ତିନି ଥର ଭୋଟ୍ ବର୍ଜନ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ସାପମୁଣ୍ଡି ଠାରୁ ଭାୟା ପୋରପରା ଦେଇ ଉପର୍ଦୁଣ୍ଡା ପର୍ଯ୍ୟନ୍ତ ଚାଲିଥିବା ଏହି ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଛି। ଏହି କାର୍ଯ୍ୟରେ ନିୟୋଜିତ 'ଆରବିଏସ ' ନାମକ ଏକ ଠିକା ସଂସ୍ଥା ସମ୍ପୂର୍ଣ୍ଣ ମନମାନୀ ଚଳାଇଛି। ଗୋଟିଏ କିମ୍ବା ଦୁଇଟି ନୁହେଁ, ପୂରା ୭୯୯.୮୬ ଲକ୍ଷ ଅର୍ଥାତ୍ ପ୍ରାୟ ୮ କୋଟି ଟଙ୍କାର ବିପୁଳ ବ୍ୟୟ ଅଟକଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ମାତ୍ର କାମର ସ୍ତର ଏତେ ନିମ୍ନମାନର ଯେ, କୋଟି କୋଟି ଟଙ୍କାର ସରକାରୀ ପାଣ୍ଠିକୁ ଏଠାରେ ଦିନଦ୍ୱିପ୍ରହରେ ହରିଲୁଟ୍ କରାଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ନିର୍ମାଣର ନିୟମାବଳୀକୁ ଜଳାଞ୍ଜଳି ଦେଇ ଠିକ୍ ଢଙ୍ଗରେ ଡବ୍ଲୁଏମ୍ଏମ୍ କିମ୍ବା ଡଷ୍ଟ ଗୁଣ୍ଡ ପକାଯାଉ ନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି, ରାସ୍ତା କାମ ସମ୍ପୂର୍ଣ୍ଣ ସରିବା ପୂର୍ବରୁ ହିଁ କିଛି ଦିନ ତଳେ ପଡ଼ିଥିବା ମୋରମ ସବୁ ଏବେ ଉଠିବାକୁ ଆରମ୍ଭ କଲାଣି। ଠିକା ସଂସ୍ଥାର ଏଭଳି ନିମ୍ନମାନର କାର୍ଯ୍ୟ ଜନସାଧାରଣଙ୍କ ସୁରକ୍ଷା ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। 'ଆମେ ଦୀର୍ଘ ବର୍ଷ ଧରି ରାସ୍ତା ଖଣ୍ଡେ ପାଇଁ ସଂଘର୍ଷ କରିଛୁ। ଏବେ ୮ କୋଟି ଟଙ୍କାର ରାସ୍ତା ତିଆରି ହେଉଛି ସତ, ହେଲେ ସେଥିରେ ବ୍ୟାପକ ଦୁର୍ନୀତି ଚାଲିଛି। ଠିକା ସଂସ୍ଥା 'ଆରବିଏସ' କୌଣସି ନିୟମ ମାନୁନାହିଁ। କାମ ସରିବା ଆଗରୁ ରାସ୍ତା ଖରାପ ହେଲାଣି। ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରୁ।' ଉତ୍ତ୍ୟକ୍ତ ଗ୍ରାମବାସୀ : ଠିକା ସଂସ୍ଥା ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ଦୁର୍ନୀତି ଚାଲିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯଦି ତୁରନ୍ତ ରାସ୍ତା କାମର ଯାଞ୍ଚ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଆଗାମୀ ଦିନରେ ଏହି ଜନଆନ୍ଦୋଳନ ଆହୁରି ତୀବ୍ର ରୂପ ଧାରଣ କରିବ ବୋଲି ଚେତାବନୀ ଦିଆଯାଇଛି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 | Email : pratishabda7@gmail.com | Website : www.pratishabda.com

Editor : Ipsita Pati   Executive Editor : Satyajit Mohapatra   Managing Editor : Jitendra Ku. Pati